

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୧ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 31 DECEMBER 2022

Vol.No. 33 ■ No. 341 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ମା'ଙ୍କ ଅନ୍ତିମ ସଂସ୍କାର ପରେ ଟ୍ରେନର ଶୁଭାରମ୍ଭ କଲେ ମୋଦି

କୋଲାକତା, ୩୦/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ମା' ହୀରାବେନଙ୍କୁ ହରାଇ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ସେ ନୂଆଦିଲ୍ଲୀରୁ ବିମାନ ଯୋଗେ ଗୁଜରାଟ ଯିବା ସହ ସେଠାରେ ମା'ଙ୍କ ଅନ୍ତିମ ସଂସ୍କାର କରିଛନ୍ତି । ମା'ଙ୍କୁ ମୁଖାଗ୍ନି ଦେବା ପରେ ସେ ତୁରନ୍ତ ନିଜର ବ୍ୟକ୍ତିଗତ ଅପୂରଣୀୟ କଷ୍ଟକୁ ଭୁଲି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ଆଜି ଭିଡିଓ କନଫରେନ୍ସିଂ ଦ୍ୱାରା ପଶ୍ଚିମବଙ୍ଗରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିଛନ୍ତି । ସେ ଏହାକୁ ପତାକା ଦେଖାଇ ଉଦଘାଟନ କରିଥିଲେ ହେଁ ତାଙ୍କ ମୁହଁରୁ ମା'ଙ୍କୁ ହରାଇଥିବା ଦୁଃଖ ସ୍ପଷ୍ଟ ଜଣାପଡୁଥିଲା । ଏହି ସମୟରେ କାର୍ଯ୍ୟକ୍ରମରେ ଉପସ୍ଥିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭିଡିଓ କନଫରେନ୍ସିଂ ଜରିଆରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କିଛି କ୍ଷଣ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ମମତା କହିଛନ୍ତି, "ଆପଣ କିଛି କ୍ଷଣ ବିଶ୍ରାମ ନିଅନ୍ତୁ । ଆପଣଙ୍କ ମା'ଙ୍କ ଦେହାନ୍ତରେ ମୁଁ କେମିତି ଶୋକ ଜଣାଇବି ଜାଣିପାରୁନି । ଆପଣଙ୍କ ମା' ଆମମାନଙ୍କ ମା' । ମୋର ବି ମୋ ମା'ଙ୍କ କଥା ମନେ ପଡୁଛି ।" ଏହା ଶୁଣି ମୋଦି ଆହୁରି ଭାବବିହ୍ୱଳ ହୋଇଯାଇଥିଲେ । ତଥାପି ଧାର୍ଯ୍ୟ ସୂଚୀ ଅନୁସାରେ ସରକାରୀ କାର୍ଯ୍ୟକ୍ରମ ଗୁଡ଼ିକରେ ସେ ଯୋଗଦେଇଛନ୍ତି । ପ୍ରକୃତରେ ମୋଦି ଆଜି ପଶ୍ଚିମବଙ୍ଗ ଯାଇ ରେଳ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଥାଆନ୍ତେ । ହେଲେ ମା' ହୀରାବେନଙ୍କ ମୃତ୍ୟୁ ଖବର ସକାଳୁ ମିଳିବାରୁ ସେ ପଶ୍ଚିମବଙ୍ଗ ଗସ୍ତ ନ କରି ସିଧା ଗାନ୍ଧିନଗରରେ ପହଞ୍ଚିଥିଲେ । ଏଠାରେ ସେ ମା'ଙ୍କ ଶେଷକୃତ୍ୟ ଶେଷ କରିବା ସହ ଭିଡିଓ କନଫରେନ୍ସିଂ ଜରିଆରେ ବେଙ୍ଗଲର ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଅନ୍ୟପକ୍ଷରେ ଏହି ସରକାରୀ କାର୍ଯ୍ୟକ୍ରମରେ ବିଜେପି କର୍ମୀମାନେ ଜୟ ଶ୍ରୀରାମ ନାରା ଦେବାରୁ ମମତା ବାନାର୍ଜୀ ଷ୍ଟେଜ ଉପରକୁ ଯାଇ ନଥିଲେ । ତାଙ୍କୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଝାସୁଝା କରିଥିଲେ ମଧ୍ୟ ସେ କିଛି ବି ଶୁଣି ନଥିଲେ । ଅଶ୍ୱିନୀ ବୈଷ୍ଣବ ଓ ସୁଭାଷ ସରକାର ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ବିଜେପି କର୍ମୀମାନଙ୍କୁ ନାରାବାଜୀ ନ କରିବାକୁ କହୁଥିବା ଭିଡିଓ ସାମ୍ନାକୁ ଆସିଛି । ତଥାପି ମମତା ଷ୍ଟେଜ ଉପରକୁ ନ ଯାଇ ଏହାର ସାଇଡ୍‌ରେ ଛିଡ଼ା ହୋଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ ମା'ଙ୍କ ଦେହାନ୍ତ ପାଇଁ ଶୋକ ପ୍ରକାଶ କରିଥିଲେ ।

ପୁଣି କଂଗ୍ରେସକୁ ଫେରିପାରନ୍ତି ଗୁଲାମନବୀ ଆଜାଦ

ନୂଆଦିଲ୍ଲୀ, ୩୦/୧୨ : ପୁଣି କଂଗ୍ରେସକୁ ଫେରିପାରନ୍ତି ବରିଷ୍ଠ ନେତା ଗୁଲାମନବୀ ଆଜାଦ । ଗୁଲାମନବୀଙ୍କ ଘର ବାହୁଡ଼ା ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି । ଜମ୍ମୁ-କାଶ୍ମୀରରେ ଭାରତ ଯୋଡ଼ୋ ଯାତ୍ରା ବେଳେ ହାତ ଧରିପାରନ୍ତି ଗୁଲାମନବୀ । ଗୁଲାମନବୀଙ୍କ ସହ ଯୋଗସୂତ୍ର ରକ୍ଷା କରିବାକୁ ଅମ୍ବିକା ସୋନୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଥମେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବାକୁ ନବୀଙ୍କୁ ଅମ୍ବିକା ପ୍ରସ୍ତାବ ଦେଇଛନ୍ତି । ଆଗେ ଯାତ୍ରାରେ ସାମିଲ ହେବାକୁ ପ୍ରସ୍ତାବ ଦେଇ ପରେ ଦଳକୁ ଫେରିବା ବ୍ୟବସ୍ଥା ହେବ କହିଛନ୍ତି ଅମ୍ବିକା । ୫୨ ବର୍ଷର ସଂପର୍କ ତୁଟାଇ ଗତ ଅଗଷ୍ଟ ୨୬ରେ କଂଗ୍ରେସ ଛାଡ଼ିଥିଲେ ଗୁଲାମନବୀ ଗତ ଅଗଷ୍ଟ ୨୬ ତାରିଖରେ ଗୁଲାମନବୀ କଂଗ୍ରେସ ସହିତ ଦୀର୍ଘ ବର୍ଷର ସମ୍ପର୍କ ଛିନ୍ନ କରି ଦଳରୁ ଇସ୍ତଫା ଦେଇଥିଲେ । କଂଗ୍ରେସର ସାଂପ୍ରତିକ ଦୟନୀୟ ସ୍ଥିତି ପାଇଁ ସେ ରାହୁଲ ଗାନ୍ଧିଙ୍କୁ ହିଁ ଦାୟୀ କରି ଦଳକୁ ବାଏ ବାଏ କହିଥିଲେ ଗୁଲାମ ନବୀ ଆଜାଦ୍ । ଗୁଲାମ ନବୀ ଲଗାତାର ୪୦ ବର୍ଷ ଧରି କଂଗ୍ରେସ ୱାର୍କିଂ କମିଟିରେ ସଦସ୍ୟ ଥିଲେ । ୩୫ ବର୍ଷ ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ପ୍ରଭାରୀ ଭାବେ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି । କଂଗ୍ରେସ ବିଦ୍ରୋହୀ ଜି-୨୩ ଗୋଷ୍ଠୀରେ ମଧ୍ୟ ଆଜାଦ ସାମିଲ ଥିଲେ ଏବଂ ଦଳର ବିପର୍ଯ୍ୟୟକୁ ରୋକିବା ପାଇଁ ବିଭିନ୍ନ ସମୟରେ ସତର୍କ କରାଇ ଦେଉଥିଲେ । ଦଳ ଛାଡ଼ିବା ପରେ ୭୩ ବର୍ଷୀୟ ଆଜାଦ ନିଜେ ନୂଆ ଦଳ ଗଢ଼ିଛନ୍ତି । କଂଗ୍ରେସ ଛାଡ଼ିବାର ଠିକ୍ ମାସେ ପରେ ସେ ନୂଆ ଦଳ ଗଠନ କରିଛନ୍ତି । ନୂଆ ରାଜନୈତିକ ଦଳର ନାଁ 'ଡେମୋକ୍ରାଟିକ ଆଜାଦ୍ ପାର୍ଟି' ରହିଛି । ଜମ୍ମୁ କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା, ଜମି ତଥା ଚାକିରି ଅଧିକାର ସ୍ଥାନୀୟ ଲୋକଙ୍କ ପାଇଁ ସୁରକ୍ଷିତ କରିବାକୁ ସଂଗ୍ରାମ ଜାରି ରଖିବା ନେଇ ସେ ଆହ୍ୱାନ ଦେଇଥିଲେ ।

ନୂଆବର୍ଷରେ ବଡଦାଣ୍ଡରେ ଭିଡ ଆଶଙ୍କା

ନୂଆଦିଲ୍ଲୀ, ୩୦/୧୨ : ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନରୁ ନୂଆ ବର୍ଷ ଆରମ୍ଭ କରିବାକୁ ଭକ୍ତ ଅପେକ୍ଷାରେ ରହିଛନ୍ତି । ଏବେଠୁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ଭିଡକୁ ଦେଖିଲେ ଜାଣିହେଉଛି ନୂଆବର୍ଷରେ କେମିତି ଭିଡ ହେବ । ଶ୍ରୀକ୍ଷେତ୍ରରେ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ସିଂହଦ୍ୱାରର ଅସ୍ଥାୟୀ ସେଡ୍ଡୁ ମାର୍କେଟ ଛକ ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି । ଏଥିପାଇଁ ୨୦ ଫୁଟ ଓସାରରେ ବଡ଼ଦାଣ୍ଡ ମଝିରେ ବାଉଁଶର ବାରିକେଡ୍ କରାଯାଇଛି । ଛାୟାସେଡରେ ଏଲଇଡି ଲଗାଇ ଭକ୍ତଙ୍କ ଜାଣିବା ପାଇଁ ନୀତିକାନ୍ତି ବାବଦରେ ସୂଚନା ଦେବା ବ୍ୟବସ୍ଥା ହୋଇଛି । ଭିଡ ନିୟନ୍ତ୍ରଣ ପାଇଁ ଡିସେମ୍ବର ୩୧ରୁ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ମାର୍କେଟ ଛକରୁ ଶ୍ରୀନହର ଯାଏଁ ଉଠାଦୋକାନ ଓ ଅନ୍ୟ ଦୋକାନ ବନ୍ଦ ରଖିବାକୁ ନିଷ୍ପତି ହୋଇଛି । ମାର୍କେଟ ଛକ ଓ ମରିଚକୋଟ ଛକ ପାଶ୍ୱର୍ରେ ଯୋଡା ଷ୍ଟାଣ୍ଡ ରହିବ ଓ ସେଡରେ ପାଣି ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ନୂଆ ବର୍ଷରେ ଶ୍ରୀଜିଉଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଯାଇଛି । ▶▶ପୃଷ୍ଠା ୭

ଦୁର୍ଘଟଣାରେ ଋଷଭ ପନ୍ତ ଗୁରୁତର

ନୂଆଦିଲ୍ଲୀ, ୩୦/୧୨ : ଭୟଙ୍କର ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି ଟିମ୍ ଇଣ୍ଡିଆର ଷ୍ଟାର୍ ୱିକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ । ଦିଲ୍ଲୀରୁ ଉତରାଖଣ୍ଡର ରୁଡକୀ ଯାଉଥିବା ବେଳେ ତାଙ୍କ କାର୍ ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । କାରଟି ନିୟନ୍ତ୍ରଣ ବାହାରକୁ ପଳାଇଯିବାରୁ ଡିଭାଇଡରକୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ତାଙ୍କ କାରଟି ଜଳି ଯାଇଥିଲା । ଦୁର୍ଘଟଣା ପରେ ତାଙ୍କୁ ତୁରନ୍ତ ସକ୍ଷମ ହସ୍ପିଟାଲରେ ଭର୍ତି କରାଯାଇଥିଲା । ପରେ ତାଙ୍କୁ ଡେରାଡୁନର ମ୍ୟାକ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । କ୍ରିକେଟର ଋଷଭ ପନ୍ତଙ୍କ ଦୁର୍ଘଟଣା ପରେ ତାଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ । ସାମ୍ନାକୁ ଆସିଲା କ୍ରିକେଟର ଋଷଭ ପନ୍ତଙ୍କ ଦୁର୍ଘଟଣା ବେଳର ଛାତିଥରା ଦୃଶ୍ୟ । କିଭଳି କାରଟି କ୍ଷୀପ୍ର ବେଗରେ ଆସୁଛି ଏବଂ ଭାରସାମ୍ୟ ହରାଇ ଡିଭାଇଡାରରେ ପିଟି ହୋଇଯାଉଛି । ଏହାପରେ କାରଟିରେ ନିଆଁ ଲାଗିଯାଇଛି । ଆଉ ପନ୍ତ କାଚ ଭାଙ୍ଗି ରାସ୍ତାକଡରେ ପଡିଥିବା ଦେଖିବାକୁ ମିଳିଛି । ଏହି କାର୍ ଦୁର୍ଘଟଣା ଠିକ୍ ସେହିଭଳି ଥିଲା, ଯେଉଁଥିରେ ବିଶିଷ୍ଟ ଶିଳ୍ପପତି ସାଇରସ୍ ମିସ୍ତ୍ରୀଙ୍କର ଜୀବନ ଚାଲିଯାଇଥିଲା । ଉଭୟ ପନ୍ତ ଓ ମିସ୍ତ୍ରୀ ମର୍ସିଡିଜ୍ ଭଳି ଲଗକୁରୀ ଓ ଅଧିକ ସୁରକ୍ଷିତ ବିଶିଷ୍ଟ କାରରେ ଯାତ୍ରା କରୁଥିଲେ । ▶▶ପୃଷ୍ଠା ୭

ଓସିଏସ ପ୍ରିଲିମ୍ ପାଇଁ ଜାନୁଆରୀ ୧୭ରୁ ଆବେଦନ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା (ଓସିଏସ) ୨୦୨୨ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଶୁକ୍ରବାର ଏହି ବିଜ୍ଞପ୍ତି ଜାରି କରାଯାଇଛି । ଏହା ଅନୁଯାୟୀ ଓସିଏସ୍ ପ୍ରିଲିମନାରୀ ପରୀକ୍ଷା ପାଇଁ ଜାନୁଆରୀ ୧୭ରୁ ଅନଲାଇନ ଯୋଗେ ଆବେଦନ ଆରମ୍ଭ ହେବ । ଫେବୁଆରୀ ୧୬ ତାରିଖ ଆବେଦନର ଶେଷ ତାରିଖ ରହିଛି । ପ୍ରାର୍ଥୀମାନେ କେବଳ ଅନଲାଇନ୍ ମାଧ୍ୟମରେ ହିଁ ଆବେଦନ କରିପାରିବେ । ମୋଟ୍ ୬୮୩ ଟି ପଦବୀ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ, ଯାହାମଧ୍ୟରୁ ୨୨୭ଟି ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ଏସମ୍ପର୍କିତ ସମସ୍ତ ସୂଚନା ଓପିଏସସିର ୱେବସାଇଟ୍ ରେ ଉପଲବ୍ଧ ଅଛି ।

ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଆଇପିଏସ୍ ସ୍ତରରେ ଏକ ବଡ ଧରଣର ଅଦଳ ବଦଳ ହୋଇଛି । ଏନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଜଗତସିଂହପୁର ଏସପି ଅଖିଳେଶ୍ୱର ସିଂହଙ୍କ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି । ଶ୍ରୀ ସିଂହଙ୍କୁ ଏସଆଇପି ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଗଂଜାମ ଏସପି ବ୍ରିଜେଶ କୁମାର ରାୟଙ୍କୁ ପଦୋନ୍ନତି ଦିଆଯାଇ ଅନୁଗୁଳ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି । ଚରଣ ସିଂ ମିନାଙ୍କୁ ମଧ୍ୟ ପଦୋନ୍ନତି ପରେ ଅଗ୍ନିଶମ ଓ ହୋମଗାର୍ଡ ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି । ଅନ୍ୟପକ୍ଷରେ ବାଲେଶ୍ୱର ଏସପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଅନୁଗୁଳ ଏସପି , ଯାଜପୁର ଏସପି ରାହୁଲ ପି.ଆର୍ ଜଗତସିଂହପୁର ଏସପି , ଅନୁଗୁଳ ଏସପି ଜଗମୋହନ ମିନା ଗଂଜାମ ଏସପି , ଢେଙ୍କାନାଳ ଏସପି ଏଲ୍. ଦିବ୍ୟା ଭିଜିଲାନ୍ସ ଏସପି ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ନୂଆଗଡ ଏସପି ପ୍ରତ୍ୟୁଷ ଦିବାକର ସୁନ୍ଦରଗଡ଼ ଏସପି, କନ୍ଧମାଳ ଏସପି ବିନିତ ଅଗ୍ରୱାଲ ଯାଜପୁର ଏସପି , କୋରାପୁଟ ଏସପି ବରୁଣ ଗୁଂଟୁପାଲିଙ୍କୁ ଭଦ୍ରକ ଏସପି, ସୁନ୍ଦରଗଡ ଏସପି ସାଗରିକା ନାଥଙ୍କୁ ବାଲେଶ୍ୱର ଏସପି , ବାଲିଗୁଡା ଏସଡିପିଓ ଗୁଣ୍ଡଲା ରେଡ୍ଡୀ ଙ୍କୁ ନୂଆପଡ଼ା ଏସପି , ମାଲକାନଗିରି ଏସଡିପିଓ ଶୁଭେନ୍ଦୁ ପାତ୍ରଙ୍କୁ କନ୍ଧମାଳ ଏସପି, କେସିଙ୍ଗା ଏସଡିପିଓ ଅଭିନବ ସୋନକାରଙ୍କୁ କୋରାପୁଟ ଏସପି ଏବଂ ସ୍ନେଶାଲ ବ୍ରାଂଚ ଏସପି ଜ୍ଞାନରଂଜନ ମହାପାତ୍ରଙ୍କୁ ଢେଙ୍କାନାଳ ଏସପି ଭାବେ ବଦଳି କରାଯାଇଛି ।

ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ରହସ୍ୟ ଖୋଜୁଛି କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ରୁଷୀୟ ପର୍ଯ୍ୟଟକଙ୍କର ରାୟଗଡାରେ କେମିତି ମୃତ୍ୟୁ ହେଲା ତାକୁ ସନ୍ଦେହ ବଢୁଥିବାବେଳେ, କନକ ନ୍ୟୁଜ୍ ହାତରେ ଲାଗିଛି ଆଉ କିଛି ଏକ୍ସକ୍ଲୁସିଭ୍ ଫଟୋ । ସେପଟେ ତଦନ୍ତକୁ ଜୋରଦାର କରିଛି କ୍ରାଇମବ୍ରାଂଚ । ଯେଉଁଠି ରୁଷିୟା ସାଂସଦ ପାଭେଲଙ୍କର ମୃତ୍ୟୁ ହୋଇଥିଲା ସେଠି ଛାନଭିନ୍ କରିଛନ୍ତି କ୍ରାଇମବ୍ରାଂଚର ଏକ ଟିମ୍ । ଓଡିଶାରେ ମୃତ୍ୟୁ ହୋଇଥିବା ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଥିବାବେଳେ, କନକ ନ୍ୟୁଜ୍ ହାତରେ ଲାଗିଛି ଆଉ କିଛି ଏକ୍ସକ୍ଲୁସିଭ୍ ଫଟୋ । ଫଟୋରୁ ସ୍ପଷ୍ଟ ହେଉଛି, ଏହା ଭୁବନେଶ୍ୱରର ପ୍ରସିଦ୍ଧ ଶୈବପୀଠ ଲିଙ୍ଗରାଜ ମନ୍ଦିର ପାଖର । ଯେଉଁ ଫଟୋରେ ଥିବା ସମସ୍ତେ ବେଶ୍ ଖୁସି ଥିବା ଜଣାପଡୁଛି । ସମସ୍ତେ ହସ ହସ ମୁହଁରେ ସାଂଗ ହୋଇ ଫଟୋ ଉଠାଇଛନ୍ତି । ସାଥିରେ ଗାଇଡ ବି ଅଛନ୍ତି । କୁହାଯାଉଛି, ରୁଷରୁ ଆସି ଭୁବନେଶ୍ୱରରେ ପହଁଚିବା ପରେ ଚାରି ଜଣ ପର୍ଯ୍ୟଟକ, ବିଭିନ୍ନ ଐତିହ୍ୟ ସ୍ଥଳକୁ ବୁଲିବାକୁ ଯାଇଥିଲେ । ଆଉ ଲିଙ୍ଗରାଜକୁ ବୁଲିବାକୁ ଯାଇଥିବାବେଳେ ଏହି ଫଟୋ ଉଠାଇଥିଲେ । ପୂର୍ବରୁ ସାମନାକୁ ଆସିଥିଲା ଦାରିଙ୍ଗିବାଡିରେ ସେମାନେ ବୁଲିବାକୁ ଯାଇଥିବାବେଳର ଫଟୋ । ଯେଉଁ ଫଟୋରେ ଦେଖାଯାଉଥିଲା ୪ଜଣ ବନ୍ଧୁ ସମସ୍ତେ ଚେୟାରରେ ବସିଥିଲେ ଓ ଥଣ୍ଡାରୁ ରକ୍ଷା ପାଇବା ପାଇଁ ପାଖରେ ନିଆଁ ଜଳୁଥିଲା । ସେଠାରେ ଦିନେ ରହିବା ପରେ ରାୟଗଡାକୁ ଆସିଥିଲେ । ସୂଚନା ଅନୁସାରେ ରୁଷୀୟ ୧୯ ତାରିଖରେ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଁଚିଥିଲେ । ୨୦ତାରିଖରେ ଦାରିଙ୍ଗିବାଡି ଯାଇଥିଲେ । ସେଠାରେ ▶▶ପୃଷ୍ଠା ୭

ବର୍ଷକରେ ଓଡିଶାରୁ ୧୩ କୋଟି ଟଙ୍କା ଠକିଛନ୍ତି ସାଇବର ଲୁଟେରା

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ସାଇବର ଲୁଟେରାମାନେ ଚଳିତ ବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୧୨ କୋଟି ୯୬ ଲକ୍ଷ ୩୫ ହଜାର ୭୮୧ ଟଙ୍କା ଲୁଟିଛନ୍ତି ବୋଲି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସାଇବର ସେଲ୍ ପକ୍ଷରୁ ଠକେଇର ବାର୍ଷିକ ରିପୋର୍ଟ ପ୍ରଦାନ କରିବା ଅବସରରେ ଡିସିପି କହିଛନ୍ତି ଯେ, ଲୁଟ୍ ହୋଇଥିବା ଟଙ୍କାରୁ ୧ କୋଟି ୨୩ ଲକ୍ଷ ୨ ହଜାର ୮୦୪ ଫେରିଛି । କିନ୍ତୁ ୧ କୋଟି ୪୬ ଲକ୍ଷ ଟଙ୍କା ୨ ହଜାର ୩୧୯ ଟଙ୍କା ବ୍ଲକ ହୋଇରହିଛି । ମୋଟ୍ ୫୩ଟି ମାମଲାରୁ ୨୭ଟିରେ ତଦନ୍ତ ସଫଳ ହୋଇଛି । ସାଇବର ଠକେଇ ଅଭିଯୋଗରେ ୩୮ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ବିହାର, କୋଲକାତା, ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଅଧିକ ଠକେଇ କଲ୍ ଆସିଥିବା ଜଣାଯାଇଛି । ସାଇବର ଲୁଟେରାମାନେ କେତେବେଳେ କ୍ରେଡିଟ କାର୍ଡ ତ ପୁଣି କେତେବେଳେ ଲୋନ୍ ଆପ୍, ନ୍ୟୁଡ କଲ ଏବଂ ଫେକ୍ କଲ ମାଧ୍ୟମରେ ଲୁଟିଛନ୍ତି । ସେହିପରି କ୍ରେଡିଟ କାର୍ଡ, ବୀମା, ବୁଦ୍ୟତ ବିଲ୍ ପେଠ, ଅନ୍‌ଲାଇନ୍ ସପିଂ, ଟ୍ରାଭେଲ ଟିକେଟ୍ ଠକେଇ ଆଦି ମାମଲାରେ ମୋଟ୍ ୩୮୧୧ଟି ଅଭିଯୋଗ ହୋଇଛି । ଏଥିରେ ୩୨୪୬ଟି ଆର୍ଥିକ ଠକେଇ ସାମିଲ ରହିଛି । ସେହିପରି ସୋସିଆଲ ମିଡିଆ ମାଧ୍ୟମରେ ୫୬୫ଟି ଫ୍ରଡ କଲ୍ ରହିଛି ବୋଲି ଡିସିପି କହିଛନ୍ତି ।

ଆଗୁଆ ନିର୍ବାଚନକୁ ନେଇ ବଢିଲା ଚର୍ଚ୍ଚା

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ପଦ୍ମପୁର ଓ ଧାମନଗର ଉପନିର୍ବାଚନ ପରେ ରାଜ୍ୟରେ ରାଜନୈତିକ ମାହୋଲ ସରଗରମ ରହିଛି । ଆଗୁଆ ନିର୍ବାଚନ ହେବା ଚର୍ଚ୍ଚା ବି ହେଉଛି । ଆଉ ଏତିକି ବେଳେ ଉଭୟ ବିଜେଡି ଓ ବିଜେପିର ଛାମୁଆ ନେତା ଯେଉଁଭଳି ଭାବେ ମଇଦାନକୁ ଓହ୍ଲାଉଛନ୍ତି, ରାଜନୈତିକ କାର୍ଯ୍ୟକ୍ରମ ରଖୁଛନ୍ତି ତାହା ଏହି ଚର୍ଚ୍ଚାକୁ ଖୋରାକ ଯୋଗାଉଛି । ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୧୪-୧୫ ମାସ ଅଛି, କିନ୍ତୁ ରାଜ୍ୟ ରାଜନୀତିରେ ଏବେ ଠାରୁ ସରଗରମ ହୋଇଉଠିଛି । ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଘନ ଘନ ଗସ୍ତ କରୁଛନ୍ତି, ଏପଟେ ମୁଖ୍ୟମନ୍ତ୍ରୀ ଜିଲ୍ଲାଗୁଡିକୁ ମାରାଥନ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି । ଠିକ୍ ଯେମିତି ନିର୍ବାଚନର କିଛି ମାସ ପୂର୍ବରୁ ବାତାବରଣ ସୃଷ୍ଟି ହୁଏ, ସେହିଭଳି ବାତାବରଣ ଏବେ ରାଜ୍ୟରେ ଅନୁଭୂତ ହେଉଛି । ଧାମନଗର ଓ ପଦ୍ମପୁର ନିର୍ବାଚନ ପରେ ରାଜ୍ୟରେ ଜମିଉଠିଛି ରାଜନୈତିକ ମାହୋଲ । ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଆଗୁଆ ନିର୍ବାଚନ ହେବା ସଂକେତ ପରେ ଏହି ଚ

ରାଜ୍ୟପାଳ ପଦବୀର ଉଚ୍ଛେଦ କରାଯାଉ : ସିପିଆଇ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ଡିସେମ୍ବର ୨୯କୁ ଦେଶ ବ୍ୟାପୀ ସଂଘୀୟ ବ୍ୟବସ୍ଥା ସୁରକ୍ଷା ଦିବସ ରୂପେ ପାଳନ କରାଯାଇଛି। ଏହି ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କର ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ ଓ ଅଶୋକନଗର ଅଂଚଳ ପରିକ୍ରମା କରି ମାଷ୍ଟରକ୍ୟାଂଟିନ ଛକଠାରେ ପହଂଚିଥିଲା। ସେଠାରେ ଭୁବନେଶ୍ୱର ଜୋନ୍ ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ଓ କ୍ଷୀରୋଦ ସିଂହଦେଓ ଏବଂ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ କହିଥିଲେ- ବିବିଧତା ମଧ୍ୟରେ ଏକତାର ପ୍ରତୀକ ହେଉଛି ମହାନ୍ ଭାରତବର୍ଷ ଏବଂ ସମ୍ବିଧାନର ପ୍ରଥମ ଧାରା ଅନୁଯାୟୀ ସଂଘୀୟ ବ୍ୟବସ୍ଥା ହେଉଛି ଭାରତୀୟ ରାଷ୍ଟ୍ରର ମୂଳ ପିଣ୍ଡ ବା ଆଧାର। ମାତ୍ର ରାଜ୍ୟପାଳ ପଦବୀକୁ ବ୍ୟବହାର କରି କେନ୍ଦ୍ର ସରକାରରେ ଥିବା ରାଜନୈତିକ ଦଳର ସ୍ୱାର୍ଥରେ ସଂଘୀୟ ବ୍ୟବସ୍ଥାର ଉଲ୍ଲଙ୍ଘନ କରାଯାଉଛି; ରାଜ୍ୟର ନିର୍ବାଚିତ ସରକାରମାନଙ୍କୁ ଅସ୍ଥିର କରାଯାଉଛି। ଅର୍ଥାତ୍ ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷା ପାଇଁ ଯେଉଁ ରାଜ୍ୟପାଳ ପଦବୀ ସୃଷ୍ଟି କରାଯାଇଥିଲା, ସେଇମାନେ ୧ ନମ୍ବର ସମ୍ବିଧାନ ଉଲ୍ଲଙ୍ଘନକାରୀରେ ପରିଣତ ହେଉଛନ୍ତି। ଏଣୁ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ସହିତ ରାଜ୍ୟପାଳ ପଦବୀର ଉଚ୍ଛେଦ ପାଇଁ ସିପିଆଇ ଦାବି କରିଛି।

ଘର କ୍ରେତାଙ୍କ ପାଇଁ ସୁରକ୍ଷା କବଚ ପାଲଟିଛି ରେରା

ଭୁବନେଶ୍ୱର ,୨୯/୧୨ (ନି.ପ୍ର): ଭୁବନେଶ୍ୱରରେ ଘରଟିଏ ପାଇଁ ସମସ୍ତଙ୍କର ଆଗ୍ରହ ଥାଏ। ସେଥିପାଇଁ ଜମି ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ଦର ବଢୁଥିଲେ ମଧ୍ୟ ଚାହିଦା କମିନାହିଁ। ଘରଟିଏ ପାଇଁ ଲୋକମାନେ ସାଧାରଣତଃ ରିୟଲ ଇଷ୍ଟେଟ୍ ବା ବିଲ୍ଡର ସଂସ୍ଥା ଉପରେ ନିର୍ଭର କରିଥାନ୍ତି। ଅନେକ ସମୟରେ ଲୋକମାନେ କେଉଁ ବିଲ୍ଡର ପାଖକୁ ଯିବେ, କାହାକୁ ବିଶ୍ୱାସ କରିବେ ଜାଣିପାରନ୍ତି ନାହିଁ। ଏଣୁ ବେଳେବେଳେ ଠକ ବିଲ୍ଡରଙ୍କ ହାବୁଡ଼ରେ ପଡ଼ିଥାନ୍ତି। କିନ୍ତୁ ଏବେ ରେରା କ୍ରେତାଙ୍କର ସୁରକ୍ଷା କବଚ ସାଜିଛି। ରେରା ପଞ୍ଜୀକୃତ ଘର/ଜମି କିଣିଲେ ଲୋକ ଏବେ ଠକେଇର ଶିକାର ହେବେନି ବୋଲି ଭାବୁଛନ୍ତି। ତଥାପି ବି କିଛି ରିୟଲ ଇଷ୍ଟେଟ୍ ସଂସ୍ଥା ଠକେଇର ନୂଆ ତରିକା ଆପଣାଇ ଗ୍ରାହକଙ୍କୁ ଠକିବା ପରେ ରେରା ପକ୍ଷରୁ ଆଇନରେ ବ୍ୟାପକ ସଂଶୋଧନ ଅଣାଯାଉଛି। ନିକଟ ଅତୀତରେ ଦଖଲ ପ୍ରମାଣପତ୍ର ପ୍ରଦାନକୁ ନେଇ ହୋଇଥିବା ସଂଶୋଧନ ରିୟଲ ଇଷ୍ଟେଟ୍ କାରବାରକୁ ନୂଆ ବାଟ ଦେଖାଇଛି। ୫୦୦ ବର୍ଗମିଟରରୁ ଅଧିକ ଜାଗା କିମ୍ବା ୮ଟି ଆପାର୍ଟମେଣ୍ଟରୁ ଅଧିକ ତିଆରି କରୁଥିଲେ ରେରା ଅଧୀନରେ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ପଞ୍ଜିକୃତ ନଥିଲେ ଦଖଲ ପ୍ରମାଣପତ୍ର (ଅକୁପାନ୍‌ସି ସାର୍ଟିଫିକେଟ୍) ଦିଆ ନ ଯିବାକୁ ଘୋଷଣା ହୋଇଛି। ଧାର୍ଯ୍ୟ ସମୟରେ ପ୍ରକଳ୍ପ ସମାପ୍ତ ନ ହେଲେ ରିୟଲ ଇଷ୍ଟେଟ୍ ସଂସ୍ଥା ଜରିମାନା ଦେବାକୁ ଧାର୍ଯ୍ୟ ହୋଇଛି। ଏହାସହିତ ଘର କ୍ରେତାଙ୍କୁ ନେଇ ରିୟଲ ଇଷ୍ଟେଟ୍ ସଂସ୍ଥା ଆସୋସିଏସନ ଗଠନ କରିବା ସହ ପ୍ରକଳ୍ପର ବୀମା କରିବ। ୫ ବର୍ଷ ଯାଏ ସମ୍ପୃକ୍ତ ପ୍ରକଳ୍ପ ପାଇଁ ଦାୟୀ ରହିବ ବୋଲି ଘୋଷଣା ହୋଇଛି। ଯଦିଓ କେତେକ ସଂସ୍ଥା ଲୁଚାଚୋରାରେ ବିନା ପଞ୍ଜୀକରଣରେ ବେଆଇନ କାରବାର କରୁଛନ୍ତି ତଥାପି ଏହି କାରବାରରେ ଠକେଇ କମିଛି ବା ଠକ ସଂସ୍ଥାଙ୍କ ଉପରେ ଅଙ୍କୁଶ ଲାଗି ପାରିଛି। ଲୋକମାନେ କିଭଳି ସଚେତନ ହେବେ ସେଥିପାଇଁ ରେରା ପକ୍ଷରୁ ସ୍ୱତନ୍ତ୍ର ହେଲ୍ପ ଡେସ୍କ କରାଯିବା ସହ ନିୟମିତ କାର୍ଯ୍ୟାନୁଷ୍ଠାନ ହେଉଛି। ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ସରଳ କରାଯିବା ସହ ଗୁରୁତ୍ୱ ଦିଆଯାଇଛି। reraodisha.gov.in ଜରିଆରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ସମସ୍ତ କାରବାର ଅନ୍‌ଲାଇନ୍‌ରେ କରାଯାଇ ପାରୁଛି। ଏଜେଣ୍ଟମାନଙ୍କୁ ଏଥିରେ ପଞ୍ଜିକୃତ ହେବାକୁ ପଡୁଛି। ପ୍ରକଳ୍ପକୁ ମଧ୍ୟ ପଞ୍ଜୀକରଣ କରିବାକୁ ପଡୁଛି। ଏଜେଣ୍ଟମାନଙ୍କର ପଞ୍ଜୀକରଣ ଅବଧି ୩ ବର୍ଷ ରଖାଯାଇଛି। ରେରାରେ ବର୍ତ୍ତମାନ ସୁଦ୍ଧା ୧୨୫ ଜଣ ଏଜେଣ୍ଟ ପଞ୍ଜିକୃତ ହୋଇଥିବା ବେଳେ ୧୪ ଜଣଙ୍କ ଆବେଦନ କାଟ୍ ଖାଇଛି। ରେରାରେ ପଞ୍ଜିକୃତ ହୋଇଥିବା ୧୩୯୮ ଅଭିଯୋଗରୁ ୧୦୪୬ଟି ସମାଧାନ ହୋଇଥିବା ବେଳେ ୩୫୨ଟି ବିଚାରାଧୀନ ରହିଛି। ସେହିଭଳି ୮୧୮ଟି ପ୍ରକଳ୍ପ ନିର୍ମାଣ ପାଇଁ ଆବେଦନ ହୋଇଥିବା ବେଳେ ୪୧୬ଟି ପ୍ରକଳ୍ପକୁ ରେରା ନିର୍ମାଣ ଅନୁମତି ଦେଇ ନାହିଁ। ଏହାସହ ୧୯୫ ବିଲ୍ଡର/ରିଅଲଇଷ୍ଟେଟ୍ ସଂସ୍ଥାଙ୍କ ଉପରେ ରେରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେମାନଙ୍କୁ ୧୪ କୋଟି ୭୦ ଲକ୍ଷ ଜରିମାନା କରାଯାଇଥିବା ଜଣାପଡ଼ିଛି।

ଜାନୁଆରି ୪ରୁ ଯୁକ୍ତ୨ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ

ଭୁବନେଶ୍ୱର ,୨୯/୧୨ (ନି.ପ୍ର): ଜାନୁଆରି ୪ରୁ ୨୬ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ ୨ କଲେଜ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ। କେଉଁ ସମୟ ଅବଧି ମଧ୍ୟରେ ଛାତ୍ରୀମାନଙ୍କୁ ତାଲିମ ଦିଆଯିବ ତାହାର ରୂପରେଖ ବିଦ୍ୟାଳୟର ଅଧ୍ୟକ୍ଷମାନେ ପ୍ରସ୍ତୁତ କରିବେ। ପ୍ରତି ଜିଲ୍ଲା ନୋଡାଲ ସେଣ୍ଟରର ଅଧିକାରୀମାନେ ୮ଦିନ ଧରି ଚାଲିବାକୁ ଥିବା ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବାକୁ ଥିବା ଯୁକ୍ତ୨ କଲେଜ ପରିଦର୍ଶନ ସହ ତଦାରଖ କରିବେ। ପ୍ରଶିକ୍ଷଣ ପାଇଁ ଖର୍ଚ୍ଚ ହେବାକୁ ଥିବା ସମସ୍ତ ବିଲ୍‌କୁ ନୋଡାଲ ସେଣ୍ଟର ଅଧିକାରୀମାନେ ଅନୁମତି ପ୍ରଦାନ କରିବେ। ପ୍ରତିଦିନ ଘଣ୍ଟାଏ ଲେଖାଏ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯିବ। ପ୍ରଶିକ୍ଷଣର ୮ମ ଦିନରେ ଛାତ୍ରୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯିବ। ଏନେଇ ନୋଡାଲ ସେଣ୍ଟର ଅଧୀନରେ ଥିବା ସମସ୍ତ ଯୁକ୍ତ୨ କଲେଜଗୁଡ଼ିକୁ ୩୦ତାରିଖରେ ସୂଚନା ଦେବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆଜି ବସିଥିବା ଉଚ୍ଚସ୍ତରୀୟ ବୈ ?ଠକରେ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଯେ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ବିଳମ୍ବ ହେବା ନେଇ ଗତ ସପ୍ତାହରେ 'ସମ୍ବାଦ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ କରାଯିବା ସହ ଆଜି ୩୦ଟି ନୋଡାଲ ସେଣ୍ଟର ଅଧିକାରୀ ତଥା କଲେଜ ଅଧ୍ୟକ୍ଷଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ମାଣ୍ଡିଆର ସଂଗ୍ରହ ଓ ବଂଟନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି : ମନ୍ତ୍ରୀ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ରାଜ୍ୟରେ ପୁଷ୍ଟିଶସ୍ୟ ମାଣ୍ଡିଆର ଚାଷ ଓ ବ୍ୟବହାରକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ମିଲେଟ୍ ମିଶନ ମାଧ୍ୟମରେ ଚାଷୀମାନଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବାବେଳେ ଏହାର କ୍ରୟ ଓ ବଂଟନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀମାନଙ୍କଠାରୁ ମାଣ୍ଡିଆ କ୍ରୟ କରାଯାଉଛି। ପ୍ରକୃତ ପଂଜୀକୃତ ଚାଷୀ ଯେପରି ମଣ୍ଡିରେ ମାଣ୍ଡିଆ ବିକ୍ରି କରି ଉଚିତ ମୂଲ୍ୟ ପାଇପାରିବେ ସେଥି ନିମନ୍ତେ ଏମ୍-ପାସ୍ ପୋର୍ଟାଲ ପ୍ରସ୍ତୁତ କରାଯାଇଛି ଏବଂ ମାଣ୍ଡିଆର ଦେୟ ତିନିଦିନ ମଧ୍ୟରେ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାରେ ଡିବିଟି ଜରିଆରେ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଆଦିବାସୀ ବିକାଶ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ ମାଣ୍ଡିଆ ସଂଗ୍ରହ ନିମନ୍ତେ ଅନୁମୋଦିତ ରାଜ୍ୟ କ୍ରୟ ସଂସ୍ଥା ଭାବରେ କାର୍ଯ୍ୟ କରୁଛି। ଏହା ବିଭିନ୍ନ ଲ୍ୟାମ୍ପସ୍, ପ୍ୟାକ୍‌ସ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଘ ଜରିଆରେ ସ୍ୱୟଂଚଳିତ ଏମ୍-ପାସ୍ ପୋର୍ଟାଲ ମାଧ୍ୟମରେ ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ କରିଥାଏ। ଚଳିତ ବର୍ଷ ହାରାହାରି ଗୁଣବତା (ଏଫ୍‌ଏକ୍ୟୁ) ମାନର ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ୱିଂଟାଲ ପିଛା ୩୫୭୮ଟଙ୍କା ରଖାଯାଇଛି। ଚାଷୀମାନଙ୍କଠାରୁ ମାଣ୍ଡିଆର ସମସ୍ତ କିସମ ସଂଗ୍ରହ କରାଯାଉଛି ଏବଂ ଏମ୍-ପାସ୍ ଅଧୀନରେ ପଂଜୀକୃତ ଜଣେ ଚାଷୀ ହେକଫର ପିଛା ୧୦ କ୍ୱିଂଟାଲ ମାଣ୍ଡିଆ ବିକ୍ରି କରିପାରିବାର ବ୍ୟବସ୍ଥା ରହିଛି।

ମାଣ୍ଡିଆ ସଂଗ୍ରହକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ସହିତ ପ୍ରକୃତ ଚାଷୀ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ମାଣ୍ଡିଆ ବିକ୍ରି କରିପାରିବେ ସେଥିନିମନ୍ତେ ଚାଷୀ ପଂଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଚାଷୀମାନେ ଲ୍ୟାମ୍ପସ୍/ପ୍ୟାକ୍‌ସ ଏବଂ କୃଷକ ଉତ୍ପାଦନ ସଂଘ ମାଧ୍ୟମରେ ସେମାନଙ୍କର ନାମ ପଂଜୀକରଣ କରିପାରିବେ। ମାଣ୍ଡିଆ ବିକ୍ରି ପାଇଁ ଚାଷୀ ପଂଜୀକରଣ କାର୍ଯ୍ୟ ବିନା ମୂଲ୍ୟରେ ଲ୍ୟାମ୍ପସ୍, ପ୍ୟାକ୍‌ସ ଓ କୃଷକ ଉତ୍ପାଦକ ସଂଘ ନିକଟରେ ଫର୍ମ ଉପଲବ୍ଧ ହେଉଥିବାବେଳେ ପଂଜୀକରଣ ନିମନ୍ତେ ଭୋଟର କାର୍ଡ ଓ ଆଧାର କାର୍ଡର ଅବିକଳ ନକଲ ସହିତ ମାଣ୍ଡିଆ ଚାଷ କରିଥିବା ଜମି ପଟ୍ଟାର ଅବିକଳ ନକଲ ଦାଖଲ କରିବାକୁ ପଡ଼ିବ। ଆବେଦନ ଫର୍ମର ଯାଂଚ ସହିତ ଚାଷୀମାନଙ୍କର ବ୍ୟାଙ୍କଖାତା ଯାଂଚ କରାଯାଏ। ଭୂଲେଖ ମାଧ୍ୟମରେ ଚାଷୀଙ୍କ ଚାଷ ଜମି ପଟ୍ଟାର ସମୀକ୍ଷା କରାଯିବା ସହିତ କୃଷି ଅଧିକାରୀ ଓ ରାଜସ୍ୱ ଅଧିକାରୀମାନଙ୍କ ଦ୍ୱାରା ଜମିର ସର୍ବେକ୍ଷଣ ଓ ଅନୁମୋଦନ କରାଯାଏ। ଜଙ୍ଗଲ ଅଧିକାର ଆଇନ ଅନ୍ତର୍ଭୁକ୍ତ ଅଧିକୃତ ଜମିରେ ଚାଷ କରିଥିବା ଚାଷୀମାନେ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ। ଆଦିବାସୀ ବିକାଶ ସମବାୟ ନିଗମ ଓଡ଼ିଶା ଲିମିଟେଡ୍ ଦ୍ୱାରା ପ୍ରତ୍ୟେକଟି ଚାଷୀଙ୍କ ପଂଜୀକରଣକୁ ଯାଂଚ, ଅନୁମୋଦନ ଏବଂ ସ୍ୱୀକୃତି ପ୍ରଦାନ କରିଥାଆନ୍ତି। ଲ୍ୟାମ୍ପସ୍, ପ୍ୟାକ୍‌ସ, କୃଷକ ଉତ୍ପାଦକ ସଂଘ ଦ୍ୱାରା ମାଣ୍ଡିଆ ସଂଗ୍ରହ ନିମନ୍ତେ ମଣ୍ଡି ଖୋଲାହେବାର ଏକ ସପ୍ତାହ ପୂର୍ବରୁ ଅନୁମୋଦିତ ଚାଷୀଙ୍କୁ ଟୋକନ୍ ଯୋଗାଇ ଦିଆଯାଇଥାଏ। ନିର୍ଦ୍ଧାରିତ ଆଧାର କାର୍ଡ ସହ ଚାଷୀଙ୍କ ଚକ୍ଷୁ ପିତ୍ତୁଳିକା ସ୍କାନ୍ ଏବଂ ସଠିକ୍ ଚାଷୀ ପରିଚୟ ପରେ ଟୋକନ୍ ଅନୁସାରେ ମାଣ୍ଡିଆ କ୍ରୟ କରାଯାଏ।

ଗ୍ରାମସ୍ତରରେ ସରପଂଚ, ୱାର୍ଡ ସଭ୍ୟ, ଗ୍ରାମପଂଚାୟତସ୍ତରର କର୍ମକର୍ତ୍ତାମାନଙ୍କୁ ନେଇ ଓଡ଼ିଶା ମିଲେଟ୍ ମିଶନ ଅଧିନରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୃଷକ ଉତ୍ପାଦକ ସଂଘ ଏବଂ ନିୟନ୍ତ୍ରିତ ବଜାର କମିଟି ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଦ୍ୱାରା ବାହାର ରାଜ୍ୟର ମାଣ୍ଡିଆ ଯେପରି ଓଡ଼ିଶା ମିଲେଟ୍ ମିଶନର ମାଣ୍ଡିଆ ସଂଗ୍ରହ ପ୍ରକ୍ରିୟାରେ ସାମିଲ ନହେବ, ସେଥି ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଡିସେମ୍ବର ୨୭ ତାରିଖରେ ରାଜ୍ୟର ସୀମାବର୍ତ୍ତୀ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି ଏବଂ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ ମାଣ୍ଡିଆ କ୍ରୟରେ କୌଣସି ପ୍ରକାର ଅନିୟମିତତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମିଶନର ଅଧିନରେ ରାଜ୍ୟର ୧୯ଟି ଜିଲ୍ଲା ଯଥା: ମାଲକାନଗିରି, ଗଞ୍ଜାମ, ରାୟଗଡ଼ା, ବଲାଙ୍ଗିର, ନବରଙ୍ଗପୁର, ବରଗଡ଼, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, କୋରାପୁଟ କନ୍ଧମାଳ, କଳାହାଣ୍ଡି, ସୁନ୍ଦରଗଡ଼, ବୌଦ୍ଧ, ଢେଙ୍କାନାଳ, ଝାରସୁଗୁଡ଼ା, ନୂଆପଡ଼ା ଓ ନୟାଗଡ଼ରୁ ମାଣ୍ଡିଆ ସଂଗ୍ରହ କରାଯିବ।

ନୂଆବର୍ଷରେ ଫୁଲ ନୁହେଁ ଗଛ ଉପହାର ଦେବା ଓ ଲଗାଇବା ପାଇଁ ପ୍ରେରଣା ପକ୍ଷରୁ ନିବେଦନ

ଭୁବନେଶ୍ୱର,୨୯/୧୨ (ନି.ପ୍ର): ବର୍ତ୍ତମାନ ଦିନକୁ ଦିନ ବଢିଚାଲିଛି କଳ କାରଖାନା, ଗାଡ଼ିମଟର, ଜନସଂଖ୍ୟା। କିନ୍ତୁ ସେହି ଅନୁପାତରେ ବୃକ୍ଷ ରୋପଣ ହେଉନାହିଁ। ଯାହାଦ୍ୱାରା ବର୍ତ୍ତମାନ ବାୟୁ ପ୍ରଦୂଷଣ ଉଚ୍ଚଟରୁ ଉଚ୍ଚତର ହେବା ସହ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ ଆଦି ବୃଦ୍ଧି ପାଉଛି। ଏହି ପରିପ୍ରେକ୍ଷୀରେ ଅମ୍ଳଜାନର ଆବଶ୍ୟକତା ଆମେ ବିଗ୍ରହ କଲେ କରୋନା ସମୟରେ ତାହା କେତେ ଦୁର୍ଲଭ ହୋଇପଡ଼ିଲା ଆମେ ଅଙ୍କେ ଲିଭେଇଛେ। ବର୍ତ୍ତମାନ ଚୀନରେ କେବଳ ଅମ୍ଳଜାନ ପାଉଚ୍ ଦୋକାନ ବଜାରରେ ବିକ୍ରି ହେଉଛି ତାହା ନୁହେଁ, ଆମ ରାଜଧାନୀ ଦିଲ୍ଲୀରେ ଅମ୍ଳଜାନ ପାର୍ଲରମାନ ଖୋଲିସାରିଲାଣି। ସେହିପରି ଆମ ରାଜ୍ୟ ରାଜଧାନୀରେ ବାୟୁ ପ୍ରଦୂଷଣ ହେବା ୩୦୦ ମାଇକ୍ରୋଗ୍ରାମ ଛୁଇଁବାକୁ ଯାଉଥିବା ବେଳେ ରାଜ୍ୟର ଅନେକ ସହର ଅତିମାତ୍ରାରେ ପ୍ରଦୂଷିତ। ଏପରିସ୍ଥଳେ ନୂଆବର୍ଷରେ ବାଣ ନ ଫୁଟାଇ, ଅତିଥିମାନଙ୍କୁ ଅଭିଜଣାଇବା ବେଳେ ଫୁଲଗୁଚ୍ଛ ଉପହାର ନଦେଇ ଗଛଗୁରାଟିଏ ଉପହାର ପ୍ରଦାନ କରିବା ସହିତ ନିଜେ ଗଛଟିଏ ଲଗାଇ ତାକୁ ନୂଆବର୍ଷର ସ୍ମୃତିର ସ୍ମାରକୀ ଭାବେ ବଂଚାଇ ରଖିବାକୁ ପ୍ରେରଣାର ସଭାପତି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଏକ ପ୍ରେସ୍ ବିବୃତିରେ ନିବେଦନ କରିଛନ୍ତି। ସେ କହିଛନ୍ତି ଯେଉଁ ବ୍ୟକ୍ତି ଅଧିକ ଗଛ ନୂଆବର୍ଷରେ ଲଗାଇ ତାକୁ ବଂଚାଇବ ଓ ବର୍ଷ ଶେଷରେ ସ୍ଥାନୀୟ ସରପଂଚ, କର୍ପୋରେଟରଙ୍କ ଠାରୁ ସେ ଲଗାଇଥିବା ଗଛ ସମ୍ପର୍କରେ ତଥ୍ୟ ପ୍ରଦାନ କରିପାରିବ, ଜୁଲାଇ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରେରଣା ପକ୍ଷରୁ ପାଳନ କରାଯାଉଥିବା ବନ ମହୋତ୍ସବ ସପ୍ତାହରେ ସେ ବ୍ୟକ୍ତିଙ୍କୁ ଉପଯୁକ୍ତ ମାନପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଏ ସମ୍ପର୍କରେ ସବିଶେଷ ତଥ୍ୟ ପାଇଁ ଶାଶ୍ୱତଙ୍କୁ ଫୋନ୍ ନଂ- ୯୫୫୬୪୭୧୮୦୪ ରେ ଯୋଗାଯୋଗ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଓଡ଼ିଶାରେ ଖୁବ୍ ଶିଘ୍ର ପ୍ରତିଷ୍ଠା ହେବ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର

ଭୁବନେଶ୍ୱର,୨୯/୧୨ (ନି.ପ୍ର): ଭୁବନେଶ୍ୱରରେ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ନେସ୍ନାଲ ସେଂଟର ଫର ଡ଼ିଜିଜ୍ କଂଟ୍ରୋଲ-ଏନ୍.ସି.ଡି.ସି) ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଏଥି ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍‌ଙ୍କ ଅଧ୍ୟକ୍ଷତାରେ ଆଜି ଏକ ପଞ୍ଜିକୃତ-ଜମି ହସ୍ତାନ୍ତର ସଭା ଅନୁଷ୍ଠିତ ହୋଇଥିଲା।

ଲୋକସେବା ଭବନ ସଭାଗୃହରେ ଆୟୋଜିତ ଏହି ବୈଠକରେ ଶ୍ରୀମତୀ ପଣ୍ଡିତ୍ କହିଥିଲେ ଯେ ଅ।ର ଏମ୍.ଅ।ର ସି, ଆଇ.ଏଲ୍.ଏସ୍, ଏମ୍ସ ଆଦି କେନ୍ଦ୍ରୀୟ ଅନୁଷ୍ଠାନ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପୂର୍ଣ୍ଣ ସହଭାଗିତାରେ କାର୍ଯ୍ୟକରି ଆସୁଛି ଯାହାକି ବିପର୍ଯ୍ୟୟ ସଂପର୍କିତ ରୋଗ ଏବଂ ମହାମାରୀ ନିୟନ୍ତ୍ରଣରେ ବହୁ ଫଳପ୍ରଦ ହୋଇଛି। ଏନ୍.ସି.ଡ଼ି.ସି. ରାଜ୍ୟର ଜନ ସ୍ୱାସ୍ଥ୍ୟ (ପବ୍ଲିକ୍ ହେଲ୍ଥ) ସେବା ବର୍ଦ୍ଧନରେ ବେଶ୍ ସହାୟକ ହେବ।

କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସେବା ମହା ନିର୍ଦ୍ଦେଶକ ପ୍ରଫେସର ଡ଼ାକ୍ତର ଅତୁଲ୍ ଗୋଏଲ କହିଥିଲେ ଯେ ଏନ୍.ସି.ଡ଼ି.ସି. ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଂଚଳିକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ରୋଗ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କ୍ଷେତ୍ରରେ ଏହା ରାଜ୍ୟର ଦକ୍ଷତାକୁ ବହୁଗୁଣିତ କରିବ।

ବୈଠକର

ଔଷଧୀୟ ବୃକ୍ଷଲତା

ବାଡ଼ି ବଗିଚାରେ ତୁଳସୀ, ଥାଳକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂକୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୁର୍ସୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ । ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି । ମାତ୍ର ଔଷଧୀୟ ଗୁଣରେ ଭରପୁର । ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ । ଅନେକ ଉପକାର ମିଳିବ । ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ । ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ । ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଝୁଂଟକୁ ଲଗାଇ ପୋତନ୍ତୁ । ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ । ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ । ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ ।

ଘରେ ଔଷଧ ଖାଇବା ପୂର୍ବରୁ....

■ଘରେ ରହି ଯଦି କୌଣସି ରୋଗ ପାଇଁ ନିୟମିତ ଔଷଧ ସେବନ କରିବାକୁ ପଡୁଛି ତେବେ ସାମାନ୍ୟ ସତର୍କ ରୁହନ୍ତୁ । ଔଷଧ ମନଇଚ୍ଛା ବ୍ୟବହାର କରନ୍ତୁ ନାହିଁ ।

■ପ୍ରଥମତଃ ଔଷଧ ସର୍ବଦା ଠିକ୍ ସମୟରେ ନିଅନ୍ତୁ । ଯେତିକି ଘଣ୍ଟା ଅନ୍ତରରେ ଔଷଧ ଓ ଯେତିକି ପରିମାଣରେ ନେବାକୁ କୁହାଯାଇଛି ଠିକ ସେତିକି ମାତ୍ରାରେ ଓ ସେତିକି ସମୟ ଅନ୍ତରାଳୀରେ ନିଅନ୍ତୁ । ଅଧିକ ବା କମ୍ ଖାଆନ୍ତୁ ନାହିଁ ।



ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ

ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଙ୍କ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ ।

ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବର୍ଜ୍ଜିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

ବର୍ଷାଦିନେ ସତର୍କତା

ବର୍ଷାଦିନରେ ବିଭିନ୍ନ ପ୍ରକାର ରୋଗ ହେବା ଏକ ସାଧାରଣ କଥା; କିନ୍ତୁ ତା ଠାରୁ ବଡ଼ ହେଉଛି ବିଭିନ୍ନ ପ୍ରକାର ଚର୍ମରୋଗ । ବିଶେଷ କରି ପାଣି ଲାଗିବା ଯୋଗୁଁ ପାଦରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ । ଯେପରି କି ପାଦ ଓଦା ହୋଇ ଦୁଇ ଆଙ୍ଗୁଠି ମଝିରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍, ନଖ କୋଣରେ ପାଣି ପଶି ଫୁଲିବା ମଇଳା ପାଣି ଲାଗି କୁଣ୍ଡାଇ ହେବା । ସେଥିପାଇଁ ଆମକୁ ସତର୍କ ହେବା ସହିତ ଏହି ଦିନରେ ଅଧିକ ଯତ୍ନ ନେବାକୁ ପଡ଼ିଥାଏ । ବାହାରୁ କୁଆଡ଼େ ଘରକୁ ଆସିଲେ ସାବୁନରେ ଗୋଡ଼ ହାତ ଭଲଭାବରେ ଧୋଇ ନିଅନ୍ତୁ । ପାଦକୁ ପୋଛି ଶୁଖାଇବା ପରେ ପାଉଡ଼ର ପକାଇ ପାରନ୍ତି । ବର୍ଷା ଦିନେ ଖାଲିପାଦରେ କେବେ ବି ବାହାରେ ପାଦ ରଖନ୍ତୁ ନାହିଁ । ନଚେତ୍ ଘା' ହୋଇଯିବ । ବର୍ଷାଦିନେ ମୋଜା ପ୍ରତିଦିନ ବଦଳାନ୍ତୁ । ଯଦି ପାରିବେ ଏହି ଋତୁରେ ପେଡିକିୟୋର କରିବା ଆହୁରି ଭଲ ।

ପରଦାକୁ ଆସିଲା 'ମିଶନ୍ ମଙ୍ଗଲ'ର ଟିଜର

ଜଗନ ଶକ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଫିଲ୍ମ 'ମିଶନ୍ ମଙ୍ଗଲ'ର ଟିଜର ରିଲିଜ୍ ହୋଇଛି । ଟିଜରରେ ଅକ୍ଷର କୁମାର ଏବଂ ବିଦ୍ୟା ବାଲାନ୍ ଜବରଦସ୍ତ ଅଭିନୟ କରିଛନ୍ତି । ଏଥିରେ ପ୍ରମୁଖ ବୈଜ୍ଞାନିକମାନଙ୍କ ହୃଦୟସ୍ପର୍ଶୀ କାହାଣୀ ରହିବା ସହିତ କିଛି ସମର୍ପିତ ମହିଳାଙ୍କ କଥା ବର୍ଣ୍ଣନା କରାଯାଇଛି । ଯେଉଁମାନେ ପରିବାର ଏବଂ ଚାକିରିର ଦାୟିତ୍ୱ ସତ୍ତ୍ୱେ ବି କିପରି ସଫଳତା ପାଇଛନ୍ତି, ତାହା ହିଁ ଏଥିରେ କୁହାଯାଇଛି । ପୁରା ଟିଜରରେ ଦେଶପ୍ରେମର କଥା କୁହାଯାଇଛି । ଏହାର ଯୁଗ୍ମ ନିର୍ଦ୍ଦେଶକ ଅଛନ୍ତି ଜଗନ ଶକ୍ତି । ମଙ୍ଗଳଯାନ ପ୍ରକଳ୍ପ ଉପରେ ଆଧାରିତ ଏହି ଫିଲ୍ମଟି ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ଏହି ଦିନ ମଧ୍ୟ ଇସ୍ରୋର ପ୍ରତିଷ୍ଠା ଦିବସ । ଏଥିରେ ବିଦ୍ୟା ବାଲାନ୍, ଅକ୍ଷୟ କୁମା, ତାପସୀ ପନ୍ନୁ, ସୋନାକ୍ଷୀ ସିହ୍ନା, ନିତ୍ୟା ମେନନ୍ ପ୍ରମୁଖ ବଳିଷ୍ଠ ଅଭିନୟ କରିଛନ୍ତି ।

ବେବି ଫୁଡ୍ ନବଜାତ ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ: ଡବ୍ଲ୍ୟୁଏଚ୍ଓ

ଜାତିସଂଘର ଏକ ରିପୋର୍ଟକୁ ଯଦି ଗ୍ରହଣ କରାଯାଏ ତେବେ ବଜାରରେ ବିକ୍ରି ହେଉଥିବା ଅଧିକାଂଶ ବେବି ଫୁଡ୍ ନବଜାତ ଶିଶୁର ସ୍ୱାସ୍ଥ୍ୟପାଇଁଢ କ୍ଷତିକାରକ ଅଟେ । କାରଣ ଏଥିରେ ଚିନିର ମାତ୍ରା ଅଧିକ ରହୁଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଏକ ନିୟମାବଳୀ ମଧ୍ୟ ଜାରି କରିଛି । ଡବ୍ଲ୍ୟୁଏଚ୍ଓ ପକ୍ଷରୁ ନଭେମ୍ବର ୨୦୧୭ରୁ ଜାନୁଆରୀ ୨୦୧୮ ମଧ୍ୟରେ ଅଷ୍ଟ୍ରିୟା, ବୁଲଗେରିଆ, ଇସ୍ରାଏଲ, ହଙ୍ଗେରି ଆଦି ଦେଶର ୫୦୦ରୁ ଅଧିକ ଦୋକାନରେ ବିକ୍ରି ହେଉଥିବା ୮ ହଜାରରୁ ଅଧିକ ବେବି ଫୁଡ୍ (ଶିଶୁ ଖାଦ୍ୟ)ର ଯାଞ୍ଚ କରାଯାଇଥିଲା । ପରେ ରିପୋର୍ଟରେ କୁହାଯାଇଛି ଯେ, ୮ ହଜାର ଉତ୍ପାଦ ମଧ୍ୟରୁ ଅଧାରୁ ଅଧିକ ଉତ୍ପାଦରେ ୩୦% କ୍ୟାଲେରି ସୁଗର ଥିଲ । ବେଳେ ପାଖାପାଖି ଏକ ତୃତୀୟାଂଶ ଉତ୍ପାଦରେ ଚିନି ମାତ୍ରା ଅଧିକ ଥିବା ଜଣାପଡ଼ିଛି । ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି ଯେ, ଫଳ ପନିପରିବାରେ ପ୍ରାକୃତିକ ଭାବେ ଚିନି ମହଜୁଦ ରହିଥାଏ । ଏହା ପିଲାଙ୍କ ଖାଦ୍ୟରେ ସାମିଲ କରାଯାଇପାରେ । ମାତ୍ର ବଜାରରେ ବିକ୍ରି ହେଉଥିବା ଶିଶୁ ଖାଦ୍ୟରେ ଚିନି ମାତ୍ରା ଅଧିକ ପରିମାଣର ରହୁଥିବାରୁ ଏହା ଶରୀର ପାଇଁ କ୍ଷତିକାରକ ଅଟେ । ଏହି ଖାଦ୍ୟ ଖାଇବା ଦ୍ୱାରା ଶିଶୁଙ୍କ ଓଜନ ବଢ଼ିବା ସହ ଦାନ୍ତରେ କ୍ୟାଭିଟିଜ ସମସ୍ୟା ସୃଷ୍ଟି ହୋଇଥାଏ । ନିୟମାବଳୀର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ପିଲାମାନଙ୍କୁ ଅଧିକ ମାତ୍ରାର ଚିନି ସେବନ ଠାରୁ ଦୂରେଇ ରଖିବା ନିହାତି ଜରୁରୀ । ଜୀବନର ପ୍ରାରମ୍ଭରୁ ଯଦି ଅଧିକ ମାତ୍ରାର ମିଠା ଖାଦ୍ୟ ସେମାନଙ୍କୁ ଦିଆଯାଏ ତେବେ ବଡ଼ ହେଲେ ଏହା ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରେ, ସେମାନଙ୍କୁ ଅନ୍ୟ ପୋଷକ ତତ୍ତ୍ୱ ଯୁକ୍ତ ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା ହୋଇନଥାଏ । ଏହା ଶିଶୁର ଅଭିବୃଦ୍ଧି, ବିକାଶରେ ମଧ୍ୟ ବାଧକ ସାଜିଥାଏ । ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ଶିଶୁ ଖାଦ୍ୟରେ ଅଧିକ ମାତ୍ରାରେ ଚିନି ରହୁଛି, ସେହି ଖାଦ୍ୟକୁ ନିଶ୍ଚିତ କରିବା ନିହାତି ଆବଶ୍ୟକ ।

ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି କରି ପିଲାଙ୍କୁ ନଦୀ ପାର୍ କରନ୍ତି ପରିବାର ଲୋକେ

ଶୁଖିଲା ପୋଷାକରେ ପିଲାଙ୍କୁ ସ୍କୁଲ ଛାଡ଼ିବା ପାଇଁ ଭିଏତ୍‌ନାମର ହୁଓଇ ଗ୍ରାମର ଲୋକେ ଯେଉଁ କାର୍ଯ୍ୟ କରନ୍ତି ତାହା ବୋଧହୁଏ ବିଶ୍ୱର କେଉଁଠାରେ ମଧ୍ୟ ଦେଖିବାକୁ ମିଳୁନଥିବ । ଏଠାକାର ପିଲାମାନେ ବର୍ଷାଦିନେ ନିଜ ଜୀବନକୁ ବାଜି ଲଗାଇ ନଦୀ ପାର୍ ହୋଇ ସ୍କୁଲ ଯାଇଥାନ୍ତି । ଗ୍ରାମରୁ ସ୍କୁଲକୁ ଯିବା ପାଇଁ ନଦୀ ପାର୍ ହେବାକୁ ପଡ଼ିଥାଏ । ବର୍ଷାଦିନେ କାଠ ତିଆରି ପୋଲ ଭାଙ୍ଗି ଯାଇଥିବାରୁ ପ୍ଲାଷ୍ଟିକ୍ ବ୍ୟାଗରେ ପିଲାମାନଙ୍କୁ ଭର୍ତ୍ତି କରି ପରିବାର ଲୋକେ ନଦୀରେ ପହଁରି ପହଁରି ସ୍କୁଲ ଛାଡ଼ିଥାନ୍ତି । ସ୍କୁଲରେ ପହଞ୍ଚିଲା ବେଳକୁ ଯେପରି ପିଲାଙ୍କ ଡ୍ରେସ୍ ଓଦା ହୋଇନଥିବ ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନେଇଥାନ୍ତି ସେମାନେ । ଗାଁ ମୁଖିଆଙ୍କ କହିବା ଅନୁସାରେ ଏହି କାମ ଅତି ବିପଦପୂର୍ଣ୍ଣ । ହେଲେ ଆମ ନିକଟରେ ଆଉ କୌଣସି ବାଟ ନାହିଁ । ଏୟାର ଟାଇଟ୍ ପଲିଥିନ୍ କାରଣରୁ ପିଲାମାନଙ୍କ ପାଇଁ ଅନେକ ସମୟରେ ଅକ୍ସିଜେନ୍ କମ୍ କାରଣରୁ ବଡ଼ ସମସ୍ୟା ସୃଷ୍ଟି ହୋଇଥାଏ । ତେବେ ଆମେ ଏହି ସମସ୍ୟା ନେଇ ଅନେକ ଥର ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଏପରି ଅସୁବିଧା ଆମକୁ ଏବଂ ଆମ ପିଲାମାନଙ୍କୁ ଭୋଗିବାକୁ ପଡୁଛି ।

ବ୍ରଣ ଦୂର କରିବ ମହୁ

ସାଧାରରତଃ ବର୍ଷା ଦିନେ ତ୍ୱଚା ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ବର୍ଷା ଦିନେ ହେଉଥିବା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ତ୍ୱଚା ବିଷେଶଜ୍ଞଙ୍କ ପରାମର୍ଶ ନେଇ ମଧ୍ୟ ଏଥିରେ ବିଫଳ ହୁଅନ୍ତି । ଯଦି ସଠିକ୍ ସମୟରେ ଘରୋଇ ଉପଚାର କରାଯାଏ, ତେବେ ଏଥିରୁ ମୁକ୍ତି ମିଳିବା ସମ୍ଭବ ହେବ । ଏ ସମୟରେ ବ୍ରଣ ଭଳି ସମସ୍ୟା ତ୍ୱଚାରେ ଉପୁଜିଥାଏ । ଆମ ନିକଟରେ ହିଁ ଏହାର ଉପାୟ ଲୁଚି ରହିଛି । ରୋଷେଇରେ ବ୍ୟବହାର ଆସୁଥିବା ମହୁ ହେଉଛି ବ୍ରଣ ଦୂର କରିବାର ଉତ୍କୃଷ୍ଟ ଉପାୟ । ମହୁ ଭଳି ଏକ ଚମହାରୀ ଉପାଦାନ ମାଧ୍ୟମରେ ଏହାକୁ ଦୂର କରିବା ସମ୍ଭବପର । ମହୁରେ ଥିବା ଜୀବାଣୁ ପ୍ରତିରୋଧକ ତତ୍ତ୍ୱ ତ୍ୱଚାର ଜୀବାଣୁକୁ ନଷ୍ଟ କରିବାରେ ବେଶ ସହାୟକ ହୋଇଥାଏ । ଏହା ଶରୀର ପାଇଁ ଉପକାରୀ ହେବା ସହ ଶରୀରରେ ରକ୍ତକୁ ବିଶୁଦ୍ଧ କରିଥାଏ । ପ୍ରଦତ୍ତ କିଛି ସରଳ ଉପଚାର ମାଧ୍ୟମରେ ଆପଣ ବ୍ରଣରୁ ମୁକ୍ତି ପାଇପାରିବେ ।

ମହୁ ଓ ବେକିଂ ସୋଡ଼ା:

ଗୋଟିଏ ଚାମଚ ବେକିଂ ସୋଡ଼ାକୁ ଦୁଇଚାମଚ ମହୁରେ ମିଶାଇ ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହି ଲେପକୁ ତ୍ୱଚାରେ ଗୋଲାକାର ଭାବେ ମସାଜ କରନ୍ତୁ । ଏହାର ୫ ମିନିଟ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ୩ରୁ ୫ ଦିନ ମଧ୍ୟରେ ଥରେ ଏହିପରି କରିଲେ ତ୍ୱଚାରୁ ବ୍ରଣ ଦୂର ହୋଇଯିବ ।

ମହୁ ଓ ହଳଦୀ:

ମହୁ ଓ ହଳଦୀରେ ପ୍ରଚୁର ପରିମାଣରେ ପ୍ରାକୃତିକ ତତ୍ତ୍ୱ ଭରି ରହିଛି । ଏକ ଚାମଚ ମହୁରେ ଅଳ୍ପ ହଳଦୀ ମିଶି ଏକ ଲେପ ପ୍ରସ୍ତୁତ କରନ୍ତୁ । ଏହାକୁ ୩୦ ମିନିଟ୍ ପାଇଁ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ ରଖନ୍ତୁ । ଏହା ପରେ ଅଳ୍ପ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହାକୁ ସପ୍ତାହରେ ଥରେ ନିଶ୍ଚୟ ବ୍ୟବହାର କରନ୍ତୁ ।

ମହୁ ଏବଂ ସେଓର ସିରକା:

ଗୋଟିଏ ଚାମଚ ପାଣିରେ, ଦୁଇ ଚାମଚ ମହୁ ଏବଂ କିଛି ମାତ୍ରାର ସେଓର ସିରକାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ତୁଳା ସହାୟତାରେ ବ୍ରଣ ହୋଇଥିବା ସ୍ଥାନରେ ଲଗାଇ କିଛି ସମୟ ପାଇଁ ସମାଜ କରନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ପରେ ସେଓର ସିରକାକୁ ଟୋନର ଭଳି ବ୍ୟବହାର କରନ୍ତୁ ।

ମହୁ ଏବଂ ଗ୍ରୀନ୍ ଟି :

ଏଥିପାଇଁ ଆପଣଙ୍କୁ ଅଳ୍ପ ମାତ୍ରା ମହୁ, ୨ କପ୍ ଉଷୁମ ପାଣି ଏବଂ ଗୋଟିଏ ଗ୍ରୀନ୍‌ଟି ବ୍ୟାଗ୍‌ରେ ଆବଶ୍ୟକ ହେବ । ଏହି ଗରମ ପାଣିରେ ଗ୍ରୀନ୍‌ଟି ବ୍ୟାଗଟିକୁ କିଛି ସମୟ ପାଇଁ ବୁଡ଼ାଇ ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଅଳ୍ପ ଗ୍ରୀନ୍ ଟି ପାଣିକୁ ଅଲଗା ରଖି ଦିଅନ୍ତୁ ଏବଂ ବଳକା ପାଣିରେ ମହୁକୁ ଗୋଳାଇ ଲେପ ପ୍ରସ୍ତୁତ କରନ୍ତୁ । ପ୍ରଥମେ ଅଳ୍ପ ରଖିଥିବା ଗ୍ରୀନ୍ ଟି ପାଣିକୁ ତ୍ୱଚାରେ ପୋଛି ଦିଅନ୍ତୁ । ଏହାପରେ ପ୍ରସ୍ତୁତ ପେଷ୍ଟକୁ ମୁଁହରେ ୨୦ ମିନିଟ ପାଇଁ ରଖି ପରେ ଧୋଇ ଦିଅନ୍ତୁ ।

ମହୁ ଓ ଲେମ୍ବୁ:

ଏକ ଚାମଚ ମହୁ, ଅଳ୍ପ ଚିନି, ଅଧ ଚାମଚ ଲେମ୍ବୁ ରସ ଏବଂ ଲେମ୍ବୁ ଜେଷ୍ଟ(ଲେମ୍ବୁର ଚୋପାକୁ ଶୁଖାଇ ଗୁଣ୍ଡ ପ୍ରସ୍ତୁତ କରାଯାଇଥାଏ)କୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁଁହରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ବିଫଳ ପ୍ରସ୍ତାବ...

୨୦୨୨ ଶେଷ ହେବାକୁ ଆଉ ମାତ୍ର ଗୋଟିଏ ଦିନ ବାକି । ବର୍ଷାନ୍ତ ମନାଇବାକୁ ଓ ନୂଆବର୍ଷ ୨୦୨୩କୁ ସ୍ୱାଗତ କରିବା ସକାଶେ ବିଶ୍ୱବାସୀ ସଜବାଜ ହେବାବେଳେ, ପୁଣି ଥରେ ବୈଶ୍ୱିକ ମହାମାରୀ କରୋନା ତାର ଫଣା ଟେକିବା ଆରମ୍ଭ କରିଛି । ଅପରପକ୍ଷେ ଗତ ଫେବୃଆରୀ ୨୪ ତାରିଖଠାରୁ ଆରମ୍ଭ ହୋଇଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଦିନକୁ ଦିନ ଯେତିକି ତୀବ୍ର ହେବାରେ ଲାଗିଛି, ତାର ପ୍ରଭାବ ସମଗ୍ର ପୃଥିବୀ ଉପରେ ଅଧିକରୁ ଅଧିକ ମାତ୍ରାରେ ଅନୁଭୂତ ହୋଇ ଚାଲିଛି । ଏହି ଯୁଦ୍ଧକୁ ବନ୍ଦ କରିବା ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷିଆକୁ ଯେଉଁ ପ୍ରସ୍ତାବ ଦେଇଥିଲେ, ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାକୁ ରୋକଠୋକ୍ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ୟୁକ୍ରେନର ଚାରିଟି କ୍ଷେତ୍ରକୁ ଅକ୍ତିଆର ନକଲା ପର୍ଯ୍ୟନ୍ତ ଏ ଯୁଦ୍ଧ ଶେଷ ହେବନାହିଁ ଏବଂ ଏଥିପାଇଁ ରୁଷିଆ ତା' ନିକଟରେ ଥିବା ସମସ୍ତ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିବ ବୋଲି ଧମକ ଦେଇଛନ୍ତି । ଏହି ଶାନ୍ତି ପ୍ରସ୍ତାବ ପ୍ରତ୍ୟାଖ୍ୟାନ ହେବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ରୁଷ ପକ୍ଷରୁ ୟୁକ୍ରେନର ବିଭିନ୍ନ କ୍ଷେତ୍ର ଉପରେ ଏକାସଙ୍ଗେ ଭୀଷଣ ବୋମାବର୍ଷା କରାଯାଇଛି । ସେସବୁ ମଧ୍ୟରେ ରାଜଧାନୀ କିଭ୍ ସମେତ ଖେରସୋଁ, ମିକୋଲେଭ, ଝିଟୋମିର, ଓଡେସା, ଦିନପ୍ରୋପେଟୋଭସ୍କ ଆଦି ଅଞ୍ଚଳ ଓ ସହର ସାମିଲ । ବର୍ଷ ଶେଷ ହେବାକୁ ରୁଷିଆର ଏପରି ଆକ୍ରମଣ ରାଷ୍ଟ୍ରପତି ପୁଟିନଙ୍କ କ୍ରୋଧ ଓ ଜିଦ୍‌କୁ ସୂଚିତ କରେ । ଏହି ଯୁଦ୍ଧ ଯେତିକି ଲମ୍ବିବାରେ ଲାଗିଛି, ସେଥିରେ କେବଳ ୟୁକ୍ରେନ ଓ ରୁଷିଆର ସୈନିକ ଅବା ନାଗରିକ ମୃତ୍ୟୁବରଣ କରୁନାହାନ୍ତି, ସମଗ୍ର ବିଶ୍ୱ ଏକ ଅନିଶ୍ଚିତତା ଓ ଧ୍ୱଂସ ମୁହଁକୁ ଠେଲି ହୋଇଯାଉଛି । ଗଣମାଧ୍ୟମର ସୂଚନା ଅନୁସାରେ, ଏ ଯୁଦ୍ଧ ଲଢ଼ିବାକୁ ୟୁକ୍ରେନ ସେନା ଯେତିକି ବିମୁଖ, ରୁଷ ସେନା ତତୋଧିକ ଅନାଗ୍ରହୀ । କିନ୍ତୁ ବିଶ୍ୱ ରାଜନୀତିର ପଶାପାଲି ଓ କୂଟନୈତିକ ଚାଲ ଏହାକୁ ବାସ୍ତବ ରୂପ ଦେଇଛି । ଏହା ଏକ ନିରର୍ଥକ ଯୁଦ୍ଧ ବୋଲି ଯେଉଁମାନେ ସ୍ୱାଧୀନ ମତପୋଷଣ କରିଛନ୍ତି, ରାଷ୍ଟ୍ରପତି ପୁଟିନ ସେମାନଙ୍କୁ ପଦଚ୍ୟୁତ କରିଛନ୍ତି । ସେହିଭଳି ପାଶ୍ଚାତ୍ୟ (ନାଟୋ) ରାଷ୍ଟ୍ରମେଣ୍ଟଙ୍କ ହାତରେ ଏବେ ୟୁକ୍ରେନ୍ ଏକ କ୍ରୀଡ଼ନକ ସାଜିଛି । ସେମାନଙ୍କ ସାମରିକ ସହଯୋଗର ୟୁକ୍ରେନ ଏ ଯୁଦ୍ଧ ଲଢୁଛି । କିନ୍ତୁ ଧ୍ୱଂସ ହେଉଛି ୟୁକ୍ରେନ୍ ଓ ମରୁଛନ୍ତି ସେ ଦେଶ ନାଗରିକ । ଯୁଦ୍ଧକୁ ରୋକିବାରେ କେଉଁଦିନୁ ଅକ୍ଷମତା ପ୍ରକଟ କରି ଜାତିସଂଘ ନିଜର ଦୁଇହାତ ଉପରକୁ ଟେକି ଦେଇଥିବା ପରି ପ୍ରତୀୟମାନ ହୁଏ । ଏଭଳି ସ୍ଥିତିରେ ବିଶ୍ୱକୁ ୟୁକ୍ରେନ ଯୁଦ୍ଧ ଅଧିକ ଅନିଶ୍ଚିତତା ମଧ୍ୟକୁ ଠେଲିଦେଇଛି । ଗତ ସପ୍ତାହରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଆମେରିକା ଗସ୍ତରେ ଯାଇ ହ୍ୱାଇଟ ହାଉସ୍ ଠାରେ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ଆଲୋଚନା କରିଛନ୍ତି ଓ ମାର୍କିନ କଂଗ୍ରେସରେ ଉଦ୍‌ବୋଧନ ଦେଇଛନ୍ତି । ଯୁଦ୍ଧ ପାଇଁ ମାର୍କିନ ସାମରିକ ସହଯୋଗ ଜାରି ରହିବ ବୋଲି ବାଇଡେନ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଏହା ଯୁଦ୍ଧକୁ ତେଜିବା ସଙ୍ଗେ ସମାନ । ଅପରପକ୍ଷେ ଏହି ଯୁଦ୍ଧକୁ ରୋକିବା ସକାଶେ ଜେଲେନସ୍କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ପୁଟିନଙ୍କ ସହ ମୋଦିଙ୍କ ଘନିଷ୍ଠତା ଯୋଗୁଁ ସେ ଏହି ଯୁଦ୍ଧ ରୋକିବାକୁ ତାଙ୍କୁ ପ୍ରବର୍ତ୍ତାଇବା ସକାଶେ ଜେଲେନସ୍କି ପରୋକ୍ଷରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହା ସତ ଯେ, ଭାରତର ନେତୃତ୍ୱ ଓ ସ୍ୱର ଏବେ ବିଶ୍ୱରେ ସର୍ବମାନ୍ୟ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାନ୍ତି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିବାକୁ କେହି ଚାହୁଁ ନାହାନ୍ତି । ଇତିପୂର୍ବରୁ ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ ନକରିବାକୁ ଭାରତର ପରାମର୍ଶ ପୁଟିନଙ୍କୁ ପ୍ରଭାବିତ କରିଥିବା ଜଣାଯାଏ । କିନ୍ତୁ ଏହା ମଧ୍ୟ ଅସ୍ୱୀକାର୍ଯ୍ୟ ଯେ, ଯୁଦ୍ଧରେ ଦୁଇପକ୍ଷଙ୍କୁ କିଛି ମାତ୍ରାରେ ସ୍ୱାର୍ଥ ଓ ଅହଂକାର ତ୍ୟାଗ କରିବାକୁ ପଡ଼ିବ । ତାହା ନହେଲେ ତାହାରି ମଧ୍ୟସ୍ଥତା ଅବା ଶାନ୍ତିପ୍ରସ୍ତାବ ଗ୍ରହଣୀୟ ହେବନାହିଁ । ରୁଷିଆ ଏବଂ ୟୁକ୍ରେନଙ୍କ ପଛରେ ଥିବା ଅନ୍ୟ କାଣ୍ଡାରୀମାନଙ୍କୁ ମଧ୍ୟ ଏହା ଉତ୍ତମ ରୂପେ ହୃଦୟଙ୍ଗମ କରିବାକୁ ହେବ । ତାହା ହୁଏତ ଏ ଯୁଦ୍ଧ ଅବସାନର ଉପଯୁକ୍ତ ଉପାୟ ହୋଇପାରେ । କିନ୍ତୁ ଉଭୟ ପକ୍ଷ ଏକଥା ହୃଦୟଙ୍ଗମ କରିବାକୁ ରାଜି ନୁହଁନ୍ତି ଯେ ଯୁଦ୍ଧ କୌଣସି ରାଷ୍ଟ୍ର ପାଇଁ ବିଜୟର ଟୀକା ଆଣିବ ନାହିଁ । ବରଂ ଏହା ସେମାନଙ୍କୁ ଆହୁରି ବଡ଼ ବିପଦ ମୁହଁକୁ ଠେଲିଦେବ । ତାହା ବୁଝିବା ବେଳକୁ ନେଡି ଗୁଡ଼ କହୁଣିକୁ ବୋହି ସାରିଥିବ ।

କ'ଣ ଅମର୍ଯ୍ୟାଦିତ ବୟାନ ଚର୍ଚ୍ଚାରେ ରହିବା ପାଇଁ

ଗୋପାଳ ମହାପାତ୍ର

ଆମ ଦେଶରେ ଧର୍ମ - କର୍ମ, ନୈତିକତା- ମର୍ଯ୍ୟାଦା, ମାନ - ସମ୍ମାନ, ଆଦର ସତ୍‌କାର, ଶିଷ୍ଟାଚାର - ପରୋପକାର, ସରଳତା ଓ ମୃଦୁଭାଷି ଆଦି କଥାକୁ ନେଇ ଅନେକ କଥା କୁହାଯାଇଥାଏ । ଏପରିକି ଏସବୁ କଥାକୁ ନେଇ ଆମେ ଯେତେ କଥା ସବୁ କହିଥାଉ ବିଶ୍ୱର କୌଣସି ଦେଶରେ ଏସବୁ କଥାକୁ ନେଇ ଏତେ ଆଲୋଚନା ହୋଇ ନଥାଏ । ବିଭିନ୍ନ ସ୍ଥାନରେ ପ୍ରବଚନ ମାନଙ୍କରେ ପ୍ରବଚକମାନେ ଏସବୁ କଥାକୁ ଉପସ୍ଥିତ ଲୋକଙ୍କୁ ଭାବଗର୍ଭକ ଭାବେ ଶୁଣାଇଥାନ୍ତି । ନେତାମାନେ ମଧ୍ୟ ସେମାନଙ୍କ ପଦ ଓ ପ୍ରସିଦ୍ଧି ଅନୁସାରେ ଲୋକଙ୍କୁ ସଭା ମାନଙ୍କରେ ଏକତ୍ରିତ କରି ଏଭଳି କଥା କହିଥାନ୍ତି । ଲୋକେ ମଧ୍ୟ ଶୁଣିଥାନ୍ତି । କିନ୍ତୁ ପ୍ରବଚକମାନଙ୍କ ଠାରୁ ବା ନେତାମାନଙ୍କ ଠାରୁ ଏସବୁ ପ୍ରସଙ୍ଗରେ ଭାଷଣ ଶୁଣିବା ପରେ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିଥାଏ କି ? ଅନ୍ୟ ପକ୍ଷରେ ପ୍ରବଚନ ଦେଉଥିବା ପ୍ରବଚକ ଓ ଭାଷଣ ଦେଉଥିବା ନେତା ଏସବୁ କଥାକୁ ନିଜେ ଆପଣେଇ ଥାନ୍ତ କି ? ଭାଷଣ ବା ପ୍ରବଚନ ଶୁଣୁଥିବା ଲୋକଙ୍କ ଭବିଷ୍ୟତ ନିର୍ମାଣରେ ଭାଷଣ ବା ପ୍ରବଚନ ସହାୟକ ହୋଇଥାଏ କି ? ଦେଶର ଯୁବକମାନେ ଭାଷଣ ଓ ପ୍ରବଚନରୁ ମର୍ଯ୍ୟାଦା ଓ ନୈତିକତା ଶିକ୍ଷା କରିଥାନ୍ତି କି ?

ଆମ ଦେଶ ଏବେ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି କୁହାଯାଉଛି, ଅନ୍ୟ ପକ୍ଷରେ ଶୀର୍ଷ ସ୍ତରରେ ଥିବା ବିଶିଷ୍ଟ ବ୍ୟକ୍ତିମାନେ ଅନେକ ସମୟରେ ତ୍ରୁଟିପୂର୍ଣ୍ଣ, ଅନୈତିକ, ନିରର୍ଥକ ଓ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥାନ୍ତି । ଏପରିକି ଦ୍ୱେଷପୂର୍ଣ୍ଣ ବୟାନ ମଧ୍ୟ ଦେଇଥାନ୍ତି । ଅନେକ ବିଶିଷ୍ଟ ବୋଲି କୁହାଯାଉଥିବା ବ୍ୟକ୍ତି ସେମାନଙ୍କ ଅନୁଗାମୀ ଓ ସମର୍ଥକଙ୍କୁ ଏଭଳି ଉପଦେଶ (କଥା) ଦେଇଥାନ୍ତି ଯାହା ସେମାନଙ୍କ ପଦ ଓ ମର୍ଯ୍ୟାଦାର ଅନୁରୂପ ନୁହେଁ । ଏଣୁ ଚିନ୍ତା କରାଯିବା ସ୍ୱାଭାବିକ ଯେ ନିରର୍ଥକ, ତ୍ରୁଟିପୂର୍ଣ୍ଣ ଓ ଦାୟିତ୍ୱହୀନ ବୟାନ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ପଦବୀରେ ଅବସ୍ଥାପିତ କରି ସାଧାରଣ ଲୋକେ କିଛି ଭୁଲ୍ କରିନାହାଁନ୍ତି ତ ? ମହାରାଷ୍ଟ୍ରର ଠାଣେ ଠାରେ କିଛିଦିନ ତଳେ ଏକ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା । ଏହି ପ୍ରଶିକ୍ଷଣ ବେଳେ ବାବା ରାମଦେବ ମହିଳା ମାନଙ୍କ ବସ୍ତ୍ର (ପିନ୍ଧିବା)କୁ ନେଇ ଅମର୍ଯ୍ୟାଦିତ ବୟାନ ଦେଇଥିଲେ । ବାବା ରାମଦେବ କହିଥିଲେ ଯେ ମହିଳାମାନେ ଶାଢୀ ପିନ୍ଧିଲେ ସୁନ୍ଦର ଦେଖାଯାଆନ୍ତି ଓ ସାଲୱାର - ସୁଟ୍‌ରେ ମଧ୍ୟ ଭଲ ଦେଖାଯାଆନ୍ତି କିନ୍ତୁ ଯଦି କିଛି ନ ପିନ୍ଧିବେ ଅର୍ଥାତ୍ ବିନା ବସ୍ତ୍ର ବା ପୋଷାକରେ ମଧ୍ୟ ଭଲ ଲାଗିବେ । ବାବା ରାମଦେବଙ୍କ ଏଭଳି ମନ୍ତବ୍ୟ ସମୟରେ ପ୍ରଶିକ୍ଷଣ ମଞ୍ଚରେ ତାଙ୍କ ସହ ଅନେକ ନେତା ଏବଂ ପୁରୁଷ - ମହିଳା ଉପସ୍ଥିତ ଥିଲେ । ବାବା ରାମଦେବଙ୍କ ଏଭଳି ମ'ବ୍ୟକୁ ଘୋର ବିରୋଧ କରାଯାଉଛି । ଅନେକ ରାମଦେବଙ୍କୁ ସାମାଜିକ ସ୍ତରରେ ବହିଷ୍କାର କରାଯିବା ପାଇଁ ଦାବି କରୁଥିବା ବେଳେ ଅନେକ ରାମଦେବଙ୍କ ବୟାନକୁ ତାଙ୍କର କାମୁକତା ଓ ପିତୃସଭାର ପ୍ରତୀକ ବୋଲି କହୁଛଁ । ରାମଦେବଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବି ଉଠିଲାଣି । ସାମାଜିକ ଗଣମାଧ୍ୟମରେ ବାବା ରାମଦେବଙ୍କ ୨୦୧୧ ମସିହା ଜୁନ୍ ମାସର ଘଟଣା ଭାଇରାଲ୍ ହେବାର ଲାଗିଛି । ୨୦୧୧ର ଜୁନ୍ ମାସରେ ବାବା ରାମଦେବ ଦିଲ୍ଲୀର ରାମଲୀଳା ମୈଦାନରୁ ମହିଳାଙ୍କ ପୋଷାକ ପିନ୍ଧି ପଳାଇ ଯାଉଥିବା ବେଳେ ଧରାପଡ଼ି ଥିଲେ । ବିରୋଧ ପରେ ବାବା ରାମଦେବ ଠାଣେର ଯୋଗ ପ୍ରଶିକ୍ଷଣ ବେଳେ ମହିଳାମାନଙ୍କ ବାବଦରେ ଦେଇଥିବା ମନ୍ତବ୍ୟ ପାଇଁ ଏବେ କ୍ଷମା ମାଗିଛନ୍ତି ।

ସେହିଭଳି କିଛିଦିନ ପୂର୍ବେ ହରିୟାଣାର କରନାଲ୍ ଠାରେ ଜଣେ ସାମ୍ବାଦିକ ରାମଦେବଙ୍କୁ ଡିଜେଲ୍ ଓ ପେଟ୍ରୋଲ୍‌ର ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ପୂର୍ବରୁ ଦେଇଥିବାବୟାନ୍ କଥା ଶୁଣାଇ ଏବେ ଏହାର ଦରବୃଦ୍ଧିକୁ କାହିଁକି ବିରୋଧ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଥିଲେ । କିନ୍ତୁ ଉତ୍ତର ଦେବା ବଦଳରେ ରାମଦେବ ସାମ୍ବାଦିକ ଜଣକୁ ଧମକାଇ ଥିଲେ । ବାବା ରାମଦେବ ଅନେକ ସମୟରେ ଅମର୍ଯ୍ୟାଦିତ ବୟାନ ଦେଇଥାନ୍ତି । କେତେବେଳେ ମହିଳାଙ୍କ ବିରୁଦ୍ଧରେ ତ ଆଉ କେତେବେଳେ ଏଲୋପାଥିକ ଟୀକାର ବିଶ୍ୱାସନୀୟତାକୁ ନେଇ ତ୍ରୁଟିପୂର୍ଣ୍ଣ କଥା କହିଥାନ୍ତି । ନିଜକୁ ଯୋଗାଚାର୍ଯ୍ୟ ଓ ସନ୍ନ୍ୟାସୀ ବୋଲି କହୁଥିବା ରାମଦେବ ନିଜ ଭାଷାର ମର୍ଯ୍ୟାଦା ରଖୁନାହାଁନ୍ତି କାହିଁକି ? ସେହିଭଳି ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଯିଏ କଂଗ୍ରେସ ଦଳରୁ ରାଜନୀତି ଆରମ୍ଭ କରିଥିଲେ ସିଏ ବିଜେପିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ହେବାପରେ ନେହେରୁ - ଗାନ୍ଧୀ ପରିବାର ବିରୁଦ୍ଧରେ ଭୁଲ୍‌ଭାଲ୍ କଥା କହି ଚର୍ଚ୍ଚାରେ ଅଛନ୍ତି । ଅନ୍ୟ ଦଳ ବିଶେଷ କରି କଂଗ୍ରେସରୁ ଆସି ବିଜେପିରେ ସାମିଲ୍ ହୋଇଥିବା ଅନେକ ନେତା ଏବେ ବିଶ୍ୱସ୍ତତା ଦେଖାଇବା ପାଇଁ ନେହେରୁ - ଗାନ୍ଧୀ ପରିବାରକୁ ଟାର୍ଗେଟ୍ କରୁଛନ୍ତି । ଗୁଜୁରାଟ ନିର୍ବାଚନ ପ୍ରଚାର ବେଳେ ଏଭଳି କିଛି ନେତା ରାହୁଲ ଗାନ୍ଧୀଙ୍କୁ ସଦାମ ହୁସେନ୍‌ଙ୍କ ସହ ତୁଳନା କରିଥିଲେ । ନେତାମାନେ ବେଳେ ବେଳେ ଏଭଳି ବୟାନ ଦେଉଛନ୍ତି ଯାହା କଳ୍ପନା କରାଯାଇପାରିବ ନାହିଁ । ଏହା ଦେଶର ଦୁର୍ଭାଗ୍ୟ । ନିକଟରେ ଓଡ଼ିଶାର ପଦ୍ମପୁର ଉପନିର୍ବାଚନ ବେଳେ ବିଜେଡିର ମହିଳା ପ୍ରାର୍ଥିନୀଙ୍କ ବାବଦରେ ବିଜେପି ନେତାମାନେ ମଧ୍ୟ ଅହେତୁକ ବୟାନ ଦେଇଥିଲେ ଯାହାକୁ ନେଇ ବିଜେଡି-ବିଜେପି ମଧ୍ୟରେ ବାକ୍‌ଯୁଦ୍ଧ ଚାଲିଥିଲା ।

ଭାରତଯୋଡ ଯାତ୍ରା ବେଳେ ସାବରକରଙ୍କୁ ନେଇ ରାହୁଲଙ୍କ ବୟାନ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମୋଦୀଙ୍କୁ ରାବଣ ସହ ତୁଳନା କରିବା ଘଟଣା ମଧ୍ୟ ଅମର୍ଯ୍ୟାଦିତ ବୋଲି କୁହାଯାଇପାରେ । ବିଜେପି ନେତାମାନେ ମଧ୍ୟ ଏଭଳି ଘଟଣାରୁ ବାଦ୍ ପଡୁନାହାନ୍ତି ।

ଦୁର୍ଭାଗ୍ୟ ଯେ ଅମର୍ଯ୍ୟାଦିତ ବା ଦାୟିତ୍ୱହୀନ ଭାଷାର ଖେଳ ଦେଶର ସର୍ବୋଚ୍ଚ ସ୍ତରରେ ଖେଳାଯାଉଛି । ଧର୍ମ, ଜାତି, ଲିଙ୍ଗ ବିଶେଷର ଲୋକଙ୍କୁ ଟାର୍ଗେଟ୍ କରାଯିବ । ସେମାନଙ୍କୁ ଅପମାନିତ କରାଯିବା ଏକ ସାଧାରଣ କଥାରେ ପରିଣତ ହୋଇଛି । ଶୀର୍ଷ ସ୍ତରରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ ଏଭଳି ନକରାତ୍ମକ ପ୍ରବୃତ୍ତି ଦେଶ ପାଇଁ କ୍ଷତିକାରକ ନିଶ୍ଚୟ । ନିଜର ବିରୋଧିମାନଙ୍କୁ ବଦନାମ କରିବା ପାଇଁ ତ୍ରୁଟିପୂର୍ଣ୍ଣ ଅଡ଼ିଓ ଭିଡ଼ିଓ ମଧ୍ୟ ପ୍ରସ୍ତୁତ କରାଯାଉଛି । ଏବେ ଦେଶରେ ଏମିତି ଏକ ସମୟ ଉପସ୍ଥିତ ହୋଇଛି ଓ ନେତାମାନଙ୍କ ମଧ୍ୟରେ ଏମିତି ମାନସିକତା ବଢିଛି ଯେ ଏ ସମୟରେ ମର୍ଯ୍ୟାଦା ଓ ନୈତିକତାର କଥା କହିବା ଅନୈତିକ ଭଳି ମନେହେଉଛି । ଅମର୍ଯ୍ୟାଦିତ ବୟାନ ବା ବିବାଦିତ ବୟାନ ଦେଇ ନେତାମାନେ ଚର୍ଚ୍ଚାରେ ରହିବାକୁ ବୋଧହୁଏ ଚାହୁଁଛନ୍ତି । କିନ୍ତୁ ଏଭଳି ନେତା ବା ବାବାଙ୍କ ଭାଷାକୁ ଠିକ୍ ବୋଲି କୁହାଯାଇ ପାରିବ ନାହିଁ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

ବିପିନ ବିହାରୀ ରାଉତ

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି । ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ । ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା । ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ । ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା । ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ । ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ । ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି । ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ । ତଳୁଆ ରାଜ୍ୟରୁ ଲମ୍ଫ ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଟିଭର । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି । ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର । ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି ।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର । ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା । ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ । ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ । ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି । ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ । ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ । ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ । ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି । ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି । ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ । ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି । ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି । ରାଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ

ଫୁଲକଳି

ଧ୍ୱନି ପ୍ରତିଧ୍ୱନି

କାର୍ତ୍ତିକ ସାଇଁ

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୬୯)

ଶ୍ରୀରାମଙ୍କ ସହିତ ବିଭୀଷଣଙ୍କ ଭେଟ

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ବିଭୀଷଣ ନିଜର ଚାରିଜଣ ଅନୁଚରଙ୍କ ସହିତ ଲଙ୍କା ଛାଡ଼ିଲେ । ଶୂନ୍ୟ ମାର୍ଗରେ ଯାତ୍ରା କରିବାର କ୍ଷମତା ବିଭୀଷଣଙ୍କ ଥିଲା । ଏବେ ବି ବିଶ୍ୱାସ କରାଯାଏ, ବିଭୀଷଣ ସବୁ ରାତିରେ ଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଆସନ୍ତି ।" ମୀନା ଅପା ରାମାୟଣ କଥା ଆରମ୍ଭ କଲେ ।

ବିଭୀଷଣଙ୍କୁ ତାଙ୍କ ସହଚରଙ୍କ ସହିତ ଆକାଶ ପଥରେ ଆସିବାର ଦେଖି ବାନରମାନେ ଚିନ୍ତିତ ହୋଇପଡ଼ିଲେ ଓ ସେମାନେ ଏ କଥା ତାଙ୍କ ରାଜା ସୁଗ୍ରିବଙ୍କୁ ଜଣାଇଲେ । ସୁଗ୍ରୀବ ବାନରମାନଙ୍କୁ ଅପେକ୍ଷା କରିବାକୁ କହିଲେ ।

କିଛି ସମୟ ପରେ ବିଭୀଷଣ ତଳକୁ ଓହ୍ଲାଇଲେ ଓ ବାନରମାନେ ବସିଥିବା ଜାଗାରେ ପହଂଚି ତାଙ୍କର ଉଦ୍ଦେଶ୍ୟ ବ୍ୟକ୍ତ କଲେ । ସେ ଶ୍ରୀରାମଙ୍କୁ ଦେଖା କରିବାକୁ ଚାହୁଁଛନ୍ତି ବୋଲି କହିଲେ । ବାନରମାନେ ପ୍ରଥମେ ବିଭୀଷଣଙ୍କୁ ସୁଗ୍ରୀବଙ୍କ ପାଖକୁ ନେଲେ ।

ସୁଗ୍ରୀବଙ୍କୁ ଦେଖି ବିଭୀଷଣ ବହୁତ ଖୁସି ହେଲେ ଓ ତାଙ୍କୁ ଆନନ୍ଦରେ ଆଲିଙ୍ଗନ କଲେ । "ହେ ବାନରରାଜ ଆପଣ ବହୁତ ଭାଗ୍ୟବାନ । ଆପଣ ପ୍ରଭୁ ଶ୍ରୀରାମଙ୍କୁ ନିଜର ମିତ୍ର ରୂପେ ପାଇଛନ୍ତି । ଦୟାକରି ମୋତେ ପ୍ରଭୁ ଶ୍ରୀରାମ ଥିବା ଜାଗାକୁ ନିଅନ୍ତୁ । ମୁଁ ମୋର ଜ୍ୟେଷ୍ଠ ଭ୍ରାତା ରାବଣ ଦ୍ୱାରା ଲାଞ୍ଛିତ ହୋଇ ପ୍ରଭୁ ଶ୍ରୀରାମଙ୍କ ଶରଣରେ ଆସିଛି ।'

ସୁଗ୍ରୀବ ବୁଝି ପାରିଲେନି ସେ କ'ଣ କରିବେ । ତାଙ୍କ ମନରେ ବିଭିନ୍ନ ଶଙ୍କା ଥିଲା । ବିଭୀଷଣ ଅସୁର କୂଳରେ ଜନ୍ମ ହୋଇଛନ୍ତି ଓ ସେ ରାବଣର କନିଷ୍ଠ ଭ୍ରାତା । ତାଙ୍କୁ ସହଜରେ ବିଶ୍ୱାସ କରିହେଉନି । ସୁଗ୍ରୀବ ବିଭୀଷଣ ଓ ତାଙ୍କ ଅନୁଚରଙ୍କୁ ଅପେକ୍ଷା କରିବାକୁ କହିଲେ ଓ ସେ ଶ୍ରୀରାମଙ୍କ ପାଖକୁ ଗଲେ ।

ଶ୍ରୀରାମ ଭ୍ରାତା ଲକ୍ଷ୍ମଣ, ହନୁମାନ, ଅଙ୍ଗଦ ଓ ଅନ୍ୟ କେତେଜଣ ପ୍ରମୁଖ ବାନରମାନଙ୍କ ସହିତ ବସି ଲଙ୍କା ଅଭିଯାନ ସଂପର୍କରେ ଆଲୋଚନା କରୁଥିଲେ । ସେ ମିତ୍ର ସୁଗ୍ରୀବଙ୍କୁ ଚିନ୍ତିତ ଅବସ୍ଥାରେ ଆସିବାର ଦେଖିଲେ ଓ ପଚାରିଲେ- ମିତ୍ର ସୁଗ୍ରୀବ, ତୁମେ ଚିନ୍ତିତ ଜଣାପଡୁଛ ? କଥା କ'ଣ ?

ସୁଗ୍ରୀବ ଶ୍ରୀରାମଙ୍କୁ ବିଭୀଷଣଙ୍କ ଆଗମନ ଖବର ଦେଲେ ଓ କହିଲେ- ସେ ଆପଣଙ୍କୁ ଦେଖାକରି ଆପଣଙ୍କ ଶରଣରେ ରହିବାକୁ ଚାହୁଁଛନ୍ତି ।

ସୁଗ୍ରୀବ ତାଙ୍କ ନିଜର ଆଶଙ୍କା ବ୍ୟକ୍ତ କଲେ । ସେ କହିଲେ "ହେ ପ୍ରଭୁ, ବିଭୀଷଣ ଆମ ଶତ୍ରୁ ରାବଣର ସାନ ଭାଇ । ତେଣୁ ତାଙ୍କୁ ସହଜରେ ବିଶ୍ୱାସ କରିହେବନି । ଏଥିରେ ରାବଣର କିଛି ଖେଳ ବି ଥାଇପାରେ । ଆପଣ ସବୁ କଥା ବିଚାର କରନ୍ତୁ । ତାପରେ ଯାହା କହିବେ ।"

ଶ୍ରୀରାମ ଚାହିଁଲେ ତାଙ୍କ ଭକ୍ତ ବୀର ହନୁମାନଙ୍କ ଆଡ଼େ ଓ ତାଙ୍କ ମତାମତ ନେବାକୁ ଚାହିଁଲେ । ହନୁମାନ ସଂଗେ ସଂଗେ ଛିଡ଼ା ହୋଇ ପଡ଼ିଲେ ଓ କହିଲେ- ହେ ପ୍ରଭୁ, ମୋ ଲଙ୍କାଯାତ୍ରା କାଳରେ ମୋତେ ଯେତେବେଳେ ଲଙ୍କାପତି ରାବଣର ରାଜସଭାରେ ଲାଞ୍ଛିତ କରା ଯାଉଥିଲା, ସେତେବେଳେ ବିଭୀଷଣ ଥିଲେ ଏକମାତ୍ର ବ୍ୟକ୍ତି ଯିଏ ମୋତେ ରକ୍ଷା କରିବାକୁ ଚେଷ୍ଟା କରୁଥିଲେ । ତାଙ୍କ କଥାରୁ ମୁଁ ଜାଣି ଯାଇଥିଲି, ରାକ୍ଷସ ହେଲେ ମଧ୍ୟ ବିଭୀଷଣ ଜଣେ ଧାର୍ମିକ ବ୍ୟକ୍ତି, ଧର୍ମ ଓ ନ୍ୟାୟ କଥା ତାଙ୍କୁ ଜଣା । ତେଣୁ ତାଙ୍କ କଥାକୁ ଅବିଶ୍ୱାସ କରିବାର କିଛି କାରଣ ନାହିଁ ।

ହନୁମାନଙ୍କ କଥା ଶୁଣି ଶ୍ରୀରାମ ବହୁତ ଖୁସି ହେଲେ ଓ ଏ କଥା କହିଲେ- ବିଭୀଷଣ ଆମର ଶରଣରେ ଆସିଛି । ସେ ଆମର ଅତିଥି । ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ । ଦ୍ୱିତୀୟ କଥା- ବିଭୀଷଣ ଆମକୁ ଲଙ୍କା ଅଭିଯାନରେ ସାହାଯ୍ୟ କରିପାରନ୍ତି । ଆମେ ରାବଣ ଓ ତାର ସେନା ସଂପର୍କରେ ସଠିକ୍ ତଥ୍ୟ ପାଇପାରିବା ।

ଶ୍ରୀରାମ ହନୁମାନଙ୍କୁ ଆଦେଶ ଦେଲେ- ବିଭୀଷଣଙ୍କୁ ସସମ୍ମାନେ ତାଙ୍କ ପାଖକୁ ଆଣ । ହନୁମାନ ଶ୍ରୀରାମଙ୍କ ଆଦେଶ ପାଳନ କଲେ ଓ ବିଭୀଷଣ ଓ ତାଙ୍କ ସହଚରଙ୍କୁ ପ୍ରଭୁ ଶ୍ରୀରାମଙ୍କ ସମୀପକୁ ଆଣିଲେ ।

ବିଭୀଷଣ ଶ୍ରୀରାମଙ୍କ ଆଗରେ ଛିଡ଼ା ହୋଇ ତାଙ୍କୁ ଯଥାମାନ୍ୟ ହେଲେ । ସେ ସ୍ପଷ୍ଟ ଭାବରେ ପ୍ରଭୁ ଶ୍ରୀରାମଙ୍କ ପ୍ରକୃତ ରୂପ ଦେଖି ପାରିଥିଲେ ଓ ତାଙ୍କର ସନ୍ଦେହ ରହିଲାନି ବି ଶ୍ରୀରାମ ଶଂଖ ଚକ୍ରଧାରୀ ଶ୍ରୀ ବିଷ୍ଣୁଙ୍କ ଅବତାର ।

ମିନା ଅପା ରାମାୟଣ କଥା ଏଇଠି ରଖିଲେ ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

ନଗେନ୍ଦ୍ର ନାଥ ପଟ୍ଟନାୟକ

ବଣରାଇଜରେ ନୂଆ ବରଷ



ସୂରଜଙ୍କ ସୁନେଲି କିରଣ ଜଂଗଲରେ ଭଲଭାବେ ପଡିଚି କି ନାହିଁ ନୂଆବର୍ଷର ଆଗମନରେ ପରିବେଶ ଚଚଂଚଳ ହୋଇଉଠିଲା । ଚାରିଆଡେ ଖାଲି ଶୋଭାଯାତ୍ରାର ଲମ୍ୟା ଲମ୍ୟା ଧାଡି । ସବା ଆଗ କଅଁଳ ଫୁଲକଢିଟି ଫୁଟିଯାଇ ଖିଲିଖିଲି ହସିବାକୁ ଲାଗିଲା । ତା'ଉପର ଦେଇ ଗୁଣୁଗୁଣୁ ଗୀତଗାଇ ଭଅଁର ଘୂରିବୁଲୁଥାଏ ମଧୁ ଚୋଷିବା ଆଶାରେ । କାଉ ନୀଡରୁ ମୁଣ୍ଡଟିକୁ ଟିକେ ଉପରକୁ ଉଠାଇ ଦେଖିଲା, ଟିକି ପକ୍ଷୀଟିଏ ବଡି ଭୋରରୁ କୁଆଡେ ଉଡିଯାଉଛି । କାଉଟି ବଡପାଟିରେ କା କା କହି ତା ଭାଷାରେ କହିଲା - 'ଭଉଣୀ ! ସବୁଲୋକ ତ ନୂଆ ବର୍ଷକୁ ସ୍ୱାଗତ କରିବାକୁ ଯାଉଛନ୍ତି । ତୁ କୁଆଡେ ଯାଉଚୁ ? ନୂଆବର୍ଷର ଶୁଭକାମନାକୁ ଗ୍ରହଣ କରୁନୁ କାହିଁକି ?' 'ନୂଆ ବରଷ ଲାଗି ତୁମକୁ ବି ଅନେକ ଅନେକ ଶୁଭକାମନା, ଭାଇ । ମୁଇଁ ପରା ନୂଆ ବରଷକୁ ସ୍ୱାଗତ କରିବାକୁ ଯାଉଚି ।' ପକ୍ଷୀ କହିଲା ।

ବାଟରେ ମୂଷାଦଳ ବି ନୂଆ ବରଷକୁ ପାଳନ କରୁଥାନ୍ତି । ସଭିଏଁ ମୂଷାର ମିଠାମିଠା କଥା ଶୁଣି ନାଚକୁଦରେ ମସଗୁଲ । ପକ୍ଷୀଟିକୁ ଖୁବ୍ ଜୋରରେ ଉଡିବା ଦେଖି ମୂଷା କହିଲା - 'ପକ୍ଷୀ- ଭଉଣୀ, ସକାଳ ପହରୁ କୁଆଡେ ଯାଉଚ ? ଆସ,ଆମ ସାଙ୍ଗରେ ନୂଆ ବରଷକୁ ଜାକଜମକରେ ପାଳନ କରିବା ।' 'ନାଇଁ, ତୁମମାନଙ୍କୁ ସାଥି ଦେଇପାରିବିନି । ଯାଉଚି ନୂଆ ବରଷକୁ ସ୍ୱାଗତ କରିବାକୁ ।' ଏତିକି କହି ପକ୍ଷୀଟି ଡେଣାଝାଡି ସେଠୁ ଫୁରକିନା ଉଡିଗଲା । କିଛି ଦୂରରେ ଦେଖିଲା ଭାଲୁଦଳ ବି ନୂଆ ବରଷର ଖୁସି ମନାଉଛନ୍ତି । ଖେଳକୁଦରେ ମାତିଛନ୍ତି । ପକ୍ଷୀଟିକୁ ଦେଖି ଭାଲୁ ଚିଲେଇଲା - 'ଆରେ ପକ୍ଷୀ, କଅଣ ଆଜି ଦାନା ଖୁମ୍ପିବା ଆଶାରେ ଉଡିଯାଉଛୁ । ତୋତେ କ'ଣ ଜଣାନାହିଁ ନୂଆ ବରଷ ଆସୁଚି ବୋଲି । କଅଣ ମନେପଡୁନି ଭାଇ ?' 'ହଁ-ହଁ ମନେପଡୁଛି । ମୁଁ ବି ନୂଆ ବରଷର ଖୁସି ମନେଇବାକୁ ଅନ୍ୟ ଜାଗାକୁ ଯାଉଛି ।' ଏତିକି କହି ପକ୍ଷୀଟି ଉଡିଗଲା ସେଠୁ ।

ସିଂହରାଜାର ଗୁମ୍ଫା ନିକଟରେ ସବୁ ବଣଜନ୍ତୁ ଖୁବ୍ ଧୁମଧାମରେ ନୂଆବର୍ଷକୁ ପାଳନ କରୁଥାନ୍ତି । ସେଠି ନାନା କିସମର ମିଠାଇ ବି ତିଆରି ହେଉଥାଏ । ନାଚଗୀତର ଆସର ଜମୁଥାଏ । ବାଜା ବାଜିବା ସହିତ ସଭିଏଁ ନାଚଗୀତରେ ଝୁମିଝୁମି ନୂଆ ବରଷକୁ ପାଳନ କରୁଥାନ୍ତି । ପକ୍ଷୀଟିକୁ ଦେଖି ମହାବଳ ସିଂହ ହେଂଟାଳ ଛାଡିଲା- 'ଆରେ ତୁ ତ ବକଟେ ପକ୍ଷୀ, ସକାଳୁ ସକାଳୁ କୁଆଡେ ଯାଉଛୁ । ଏଠିକି ଜଲଦି ଆ,ଆମେ ସଭିଏଁ ପରା ନୂଆ ବରଷ ପାଳନ ପାଇଁ ଏକାଠି ହେବା ।' 'କ୍ଷମା କରିଦଅ, ମୁଁ ନୂଆ ବରଷରକୁ ଆଉ ଏକ ଭିନ୍ନ ବାଗରେ ପାଳନ କରିବାକୁ ଚାହୁଁଚୁ । ତୁମେ ସମସ୍ତଙ୍କ ଲାଗି ନୂଆ ବରଷର ଶୁଭକାମନା ।' ଏଇୟା କହି ପକ୍ଷୀଟି ଫୁରକିନା ନେଳିଆ ଆକାଶକୁ ଉଡିଗଲା ।

ସେଠି ସବୁ କଣ ଚାଲିଚି ? ଯାଇ ଦେଖେ ପକ୍ଷୀଟି କଣ କରୁଛି ବୋଲି ମନେମନେ ଭାବି ମାଙ୍କଡଟି ଡେଇଁଡେଇଁ ପକ୍ଷୀଟିର ପିଛା କରିବାକୁ ଲାଗିଲା । 'ଆରେ ଇଏ କଣ ? ଏଇ ପକ୍ଷୀଟି ତ ଭାରି ଭଲ କାମଟିଏ କରୁଚି । ହେଇଟି ଦେଖ ଏଇ ଟିକି ଚଢେଇର ବୁଦ୍ଧିକୁ । ବୁଦ୍ଧିକୁ ତାର ମାନିବାକୁ ହେବ । 'ଏମିତି ପ୍ରଶଂସାରେ ଚଢେଇକୁ ପୋଡି ପକାଇଲା ବେଳେ ସିଂହର ଚେହେରାଟି ଉଜ୍ଜ୍ୱଳି ଉଠିଲା ।

ସାମନା ପଡିଆରେ ସବୁ କୀଟପତଙ୍ଗକୁ ଏକଜୁଟ କରି ପକ୍ଷୀଟି କଣ ସବୁ ଭାଷଣ ଦେଉଥାଏ । 'ଭଉଣୀମାନେ ତୁମ ଭିତରୁ କେତେଗୁଡିଏ ପୋକଜୋକ ଗରିବ ହୋଇଥିବାରୁ ପାଠ ପଢିପାରି ନାହାନ୍ତି । ଏପରିକି ସ୍କୁଲ ଯିବା ଏକଦମ୍ ବନ୍ଦକରି ଦେଇଚନ୍ତି । ଏଇ ନୂଆ ବରଷରେ ରାଣ ଖାଉଚି କିଛି ଗରିବ କୀଟଙ୍କୁ ପାଠ ପଢାଇବି । ସେଥିଲାଗି ସେମାନଙ୍କୁ ସାହାଯ୍ୟ କରିବି । ସେମାନଙ୍କ ସାଥିରେ ବି ଅନ୍ୟପକ୍ଷୀ ଆଉ ବନଜନ୍ତୁଙ୍କୁ ପଠାଇବି । ସେଇମାନେ ତୁମମାନଙ୍କୁ ଧନ ଦାନ କରିବେ ।' ସାମାନ୍ୟ ପକ୍ଷୀଟିର ଭାଷଣରେ ପଡିଆଟି କମ୍ପିଉଠିଲା । ପଶୁପକ୍ଷୀଙ୍କ ଚାଳିମାଡରେ ବଣରାଇଜ ଦୁଲୁକି ଉଠିଲା । ସେତେବେଳେ କୀଟମାନଙ୍କ ଆଖିରୁ ଖୁସିର ଲୁହ ଥପଥପ ହୋଇ ନିଗିଡି ପଡୁଥାଏ ।

ପଶୁପକ୍ଷୀଙ୍କ ଘୋ ଘୋ ଶବ୍ଦ କାନରେ ବାଜିବାମାତ୍ରେ ପଛକୁ ଚାହିଁଲା ଟିକି ପକ୍ଷୀଟି । ଦେଖିଲା ସମସ୍ତେ ଆଖି ମେଲାକରି ଜୁଲୁଜୁଲୁ ହୋଇ ଚାହିଁଛନ୍ତି । 'ସବୁ କୀଟଙ୍କୁ ଭବିଷ୍ୟତ ଗଢିବା ନିମନ୍ତେ ମୁଁ ଆଜି ନୂଆ ବରଷକୁ ପାଳନ କରୁଛି । ସକାଳୁ ଉଠି ଏଇ କାମରେ ମାତିଯାଇଛି । ନୂଆ ବରଷରେ ଯାଠୁ ଭଲକାମ କ'ଣ ବା ହୋଇପାରେ ?' ପକ୍ଷୀଟି ସଫାସଫା କହିଗଲା ।

'ଦେଖିବାକୁ ବକଟେ ସିନା ମୁଣ୍ଡରେ ତାର ବହୁତ ବୁଦ୍ଧି । ଯାଠୁ ଆମେ ମଧ୍ୟ କିଛି ଶିଖିବାର ରହିଛି । ନୂଆ ବରଷରେ ହସି ଗାଇବା, ବାଜା ବଜେଇବା, ମିଠାଇ ଖାଇବା ଆଗରୁ ବିଟରା କୌଣସି ଅସହାୟ ଗରିବଙ୍କୁ ଜୀବକୁ ସାହାଯ୍ୟ କରିବା ନିହାତି ଜରୁରୀ । ଏବେ ବି ସମୟ ବିତିଯାଇନି । ଆଗେଇ ଆସ, ଆମ ସବୁରିଙ୍କ ଭବିଷ୍ୟତ ଗଢି ତୋଳିବା ଲାଗି ଏକଜୁଟ ହେବା । ନୂଆ ବରଷକୁ ଖୁବ୍ ଜାକଜମକରେ ପାଳନ କରିବା ।' ଉପସ୍ଥିତ ସବୁ ପଶୁପକ୍ଷୀଙ୍କୁ ଏକଲୟରେ ଅନେଇ ମହାବଳ ସିଂହ କହିଲା ।

+ ଓସ୍କାର ସିଟି, ପ୍ଲଟ ନଂ-୪୫୪, ଲେନ ନଂ-୯
ଲକ୍ଷ୍ମୀବଜାର କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କବିତା

ତୁମ ପାଇଁ

ଞ୍ଚନୂଆ ବରଷଟାଞ୍ଚ

ଜୟନ୍ତ କୁମାର ମଲ୍ଲିକ୍

ନୂଆ ବରଷଟା ନୂଆ ବନ୍ଧୁ ସାଜି
ଆମରି ପାଖକୁ ଆସିଲା
ତା'ର ଆଗମନେ ସଭିଙ୍କର ମନେ
ଖୁସି ଫୁଲ ଫୁଟି ବାସିଲା ।

ନୂଆ ବହୂପରି ମହୁ ଝରାଇଲା
ହସମିଶା ମିଠା କଥାରେ
ଝଲସି ଉଠିଲା ପୀରତି ସିନ୍ଦୂର
ତାହାର ସୁନ୍ଦର ମଥାରେ ।

ସଭିଙ୍କ ଆଦର ଯତନରେ ସିଏ
ଖୁସିରେ ବିଭୋର ହୋଇଲା
ଭୋଜିଭାତ କରି ସଭିଙ୍କୁତ ସେତ
ଭଲଭଲ ଡିଜ ଖୋଇଲା ।

ଆର ବରଷକୁ ନୂଆ ବରଷଟା
ନିଶ୍ଚୟ ପୁରୁଣା ହୋଇବ
କାଳ ଗରଭରେ ସବୁଦିନ ପାଇଁ
ମୁହଁକୁ ମାଡ଼ିକି ଶୋଇବ ।

ଶୂରଡିହ,ନନ୍ଦିପୁର, ଦଶରଥପୁର,
ଯାଜପୁର,
ମୋ;୯୪୩୭୮୬୫୭୨୭

ନୂଆ ବରଷଟା ଆସିବ ବୋଲି

ଜୟକୃଷ୍ଣ ସାହୁ

ପୁରୁଣା ବରଷ ଯାଉଛି ଚାଲି
ନୂଆ ବରଷଟା ଆସିବ ବୋଲି
ମାମୁନି ଆମର ଖୁସି,
ବିଦାୟ, ସ୍ୱାଗତ ଉତ୍ସବ ପାଳିବ
ରାତିଅଧଟାରେ ବସି ।

ବାଣ ଆଣିଅଛି ଭଳି କି ଭଳି
ଫୁଟାଇବ ବସି ଉତ୍ସବ ପାଳି
ନୂଆଙ୍କୁ ସ୍ୱାଗତ କରି,
ପୁରୁଣାକୁ କହି, ଦେବ ସେ ବିଦାୟ
ଯାଅ ତୁମେ ସୁଖେ ଫେରି ।

ବାପା ଆଣିଛନ୍ତି ବଜାରୁ ମିଠା
ବୋଉ ଭଳିଭଳି କରିଛି ପିଠା
ମୁହଁ ତା'ର ମିଠା କରି,
ସାରା ବରଷଟା କଟାଇବ ସୁଖେ
ମନରେ ଅନନ୍ଦ ଭରି ।

ବାଇଶିର ପରେ ତେଇଶି ଆସି
ବାଣ୍ଟିଦେବ ସ୍ନେହ ଶରଧା ଖୁସି
ହେବ ସବୁ ମଧୁମୟ,
ଆମେ ସବୁ ମିଶି ଗାଇବୁ ସଂଗୀତ
ଜୟ ମା' ଭାରତ ଜୟ ।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.

ସେ ଆମର ନୂଆବର୍ଷ

ନୀଳମଣି ଚାନ୍ଦ

ଥଣ୍ଡା ଜାଡ଼ ଶୀତ
ଯେତେ ପଛେ ବହୁରେ
କାକର ଆଉ କୁହୁଡ଼ି
ରାତିହେଲେ ପଡୁରେ
ଡରିବନି ଜମାରେ
ସିଏ ଆସିବ ନିଶ୍ଚୟ
କହୁଥିଲା ରମାରେ ।

ତାକୁ ଦେଖି ବଦଳିବ
କ୍ୟାଲେଣ୍ଡର କାନ୍ଥରେ
ହୋହଲ୍ଲା ଭିତରେ କେ
ରହିବେନି ଶାନ୍ତରେ
ଜିରୋ ନାଇଟ ଜମିବ
ପୁରୁଣା ବରଷଟିର
ବଳ ପୂରା କମିବ ।

ସେ ଆସିଲେ ଆମେ ନୂଆ
ଡାଏରୀ ତ ଲେଖିବା
ଭଳିଭଳି ନୂଆ କେତେ
ଗ୍ରୀଟିଙ୍ଗସ କାର୍ଡ ଦେଖିବା
ଆଇସି ନା ପାଇସି
ସେ ଆମର ନୂଆବର୍ଷ
ଦି ହଜାର ତେଇଶି ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ବଣରାଇଜରେ ନୂଆ ବରଷ

ଶରତ କୁମାର ଦାସ

ବରଷକ ଥରେ ଆସିଛି ମରତେ
ହସି ହସି ନୂଆ ବରଷ,
ଗହଳଚହଳ କେତେ କୋଳାହଳ
ସଭିଙ୍କର ମନ ହରଷ ।
ବଣରେ ଅଛନ୍ତି ପଶୁପକ୍ଷୀ ଯେତେ
ବିଚାର କରନ୍ତି ସରସେ,
ନାଚ ଗୀତ ତାଳେ ଏକାଠି ହୋଇବେ
ନୂଆ ସକାଳର ପରଶେ ।
ଆସର ଜମିବ ମଉଜର ତାଳେ
ମହମହ ଦିନ ବାସିବ,
ଭୋଜିଭାତ ସାଥେ ସୁଖଶିରୀ କେତେ
ଦୁଃଖ କଷଣକୁ ନାଶିବ ।
ବାଘ ଭାଲୁ ହାତୀ କହିଲେ ସରାଗେ
''ନୂଆ କାମ କିଛି କରିବା,
ଛୁଆଠାରୁ ବଡ ସଭିଙ୍କ ଓଠରେ
ହସର ମହକ ଭରିବା ।
ଗଛଲଗାଇବା ଖୋଲା ଜାଗି ଦେଖି
ବଣ ରାଇଜ ତ ହସିବ,
ଡହଡହ ତାଡି ଯିବଟି ଦୂରେଇ
ବରଷାର ଟୋପା ଖସିବ ।
ଜୀବଜନ୍ତୁ ଅବା କୀଟ ତରୁଲତା
ଭରା ସୁଖଶିରୀ ପାଇବେ,
ମିଳିମିଶି ପରା ଜିଇଁବେ ଜୀବନ
ହସି ହସି ଗୀତ ଗାଇବେ ।
କଜଳପାତିକୁ ହଳଦୀବସନ୍ତ
ପାରା, ବଣି, ବାଇଚଢେଇ,
ଖୁସିରେ ନାଚିଲେ କଥାଟିକୁ ଜାଣି
ନିଜ ନିଜ ଗୋଡ ବଢେଇ ।
ସିଂହରଜା ଧୀରେ ମୁଣ୍ଡ ହଲାଇଲେ
ଶୁଣୁଥିଲେ ସବୁ ବସିକି,
'ଏହା ଠାରୁ ଆଉ କେଉଁ ଭଲକାମ'
ମତାମତ ଦେଲେ ହସିକି ।
ଏତିକି ବେଳକୁ ବୁଢା ମାଙ୍କଡଟା
ଖେଏଁ ଖେଏଁ ହୋଇ କାଶିଲା,
ହାତରେ ଧରିକି ଚାରା କେତେଗୋଟି
ନଇଁ ନଇଁ ଢଳି ଆସିଲା ।
ସରବେ ଉଠିଲେ ଗଛ ଲଗାଇଲେ
ଗରବେ ମନକୁ ହଜେଇ,
ନୂଆ ବରଷରେ ବଣକୁ ଏଥର
ନୂଆ ବେଶେ ଦେଲେ ସଜେଇ ।

+ବଡବିଲ, କେନ୍ଦୁଝର
ମୋ-୮୨୪୯୧୩୭୦୯୧

ନୂଆ ବରଷ କହୁଛି

ସୁଧାକର ରାଉତ

ଆସିଛି ମୁଁ ନୂଆ ବରଷ
ମନେ ଭରିବାକୁ ହରଷ
ଅତୀତର କଥା ଭୁଲାଇ ଦେଇ ମୁଁ
ଜୀବନ କରିବି ସରସ ।

ନୂଆ ସକାଳର ସୂରୁଜ
ବିଞ୍ଚୁଛି ସୁଖର ମୂରୁଜ
ସତେକି କହନ୍ତି ମନରୁ ତୁମର
ନିରାଶ ଅନ୍ଧକାର ତେଜ ।

ମନେ ଭାରି ନୂଆ ସପନ
ପୂରଣେ ତା ହୁଅ ମଗନ
ତୁମ ଭବିଷ୍ୟତ ତୁମର ହାତରେ
ଏ କଥାକୁ ଦିଅ ଧ୍ୟାନ ।

ଯେତେକ ଅଛି ମନ୍ଦଗୁଣ
ତାକୁ ଆଜିଠାରୁ ତେଜିଣ
ସତ୍ୟ, ନ୍ୟାୟ, ଧର୍ମ ପଥେ ଚାଲି ସଦା
ସ୍ନେହ ପ୍ରେମର ବୀଜ ବୁଣ ।

ସମୟର ସଦୁପଯୋଗ
କରି ବଢ଼ ଆଗକୁ ଆଗ
ନିଷ୍ଠା ଆଉ ଅଧ୍ୟବସାୟ ବଳରେ
ବିଫଳତାରେ ଲଗା ଦାଗ ।

ପିତା ମାତା ଓ ଗୁରୁଜନ
ପ୍ରଣମି ଆଶୀର୍ବାଦ ଘେନ
ଚଳନ୍ତି ଦେବତା ଭାବି ତାଙ୍କ ବାଣୀ
ସର୍ବଦା କରିବ ପାଳନ ।

ଶେଷେ ମୋ ଛୋଟ କଥା ମାନ
ବିଭୁଙ୍କ ପଦେ ରଖ ଧ୍ୟାନ
ତାଙ୍କର କରୁଣା ବାରି ବରଷିଲେ
ଧନ୍ୟ ହେବ ତୁମ ଜୀବନ ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

କବି ବାସନ୍ତୀ ଦାସଙ୍କ କବିତା ଓ ଗଳ୍ପ ପୁସ୍ତକ ଉନ୍ମୋଚିତ

ରେମୁଣା,୩୦/୧୨(ନି:ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବୟିତ୍ରୀ ବାସନ୍ତୀ ଦାସଙ୍କ 'କବିତା କଳିକା' ଓ ଗଳ୍ପ ଗ୍ରନ୍ଥ 'ଅମୃତ ସନ୍ଧାନରେ' ସ୍ଥାନୀୟ ଗୌରୀ ଶଂକର କଲ୍ୟାଣ ମଣ୍ଡପରେ ଲୋକାର୍ପିତ ହୋଇ ଯାଇଛି । ସଭାପତି ଡା. ସତ୍ୟ ରଂଜନ ଦାସଙ୍କ ସଭାପତିତ୍ୱ ଓ ସଂପାଦକ ଡ. ଭାଗବତ ପ୍ରସାଦ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ସମୀକ୍ଷକ ଡ. ନରୋତ୍ତମ ପରିଡ଼ା, ଅନ୍ୟତମ ସମୀକ୍ଷକ ପଣ୍ଡିତ ନିରଞ୍ଜନ ସାହୁ, ବରେଣ୍ୟ ଅତିଥି ଔପନ୍ୟାସିକ ତଥା ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ସମ୍ମାନନୀୟ ଅତିଥି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରି କବୟିତ୍ରୀ ଶ୍ରୀମତୀ ଦାସଙ୍କ ସାରସ୍ୱତ କର୍ମକୁ ଭୂୟସୀ ପ୍ରଶଂସା କରିଥିଲେ । ସମୀକ୍ଷକ ଡ. ପରିଡ଼ା ଗଳ୍ପ ପୁସ୍ତକକୁ ସମୀକ୍ଷା କରିଥିବା ବେଳେ ପଣ୍ଡିତ ଶ୍ରୀଯୁକ୍ତ ସାହୁ କବିତା ପୁସ୍ତକଟିକୁ ସମୀକ୍ଷା କରିଥିଲେ । କବୟିତ୍ରୀ ଶ୍ରୀମତୀ ଦାସ ଲେଖକୀୟ ଅନୁଭୂତି ପ୍ରକାଶ କରିଥିବାବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ । ସଭା ପ୍ରାରମ୍ଭରେ କୁନି ନୃତ୍ୟ ଶିଳ୍ପୀ ଆରତ୍ରିକା ଦାସ ସ୍ୱାଗତ ନୃତ୍ୟ, ଧ୍ରୀତ୍ୟା ସ୍ୱାଗତ ବକ୍ତବ୍ୟ, ଅଜିତ କୁମାର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ ଓ କନ୍ୟା ସୁଚରିତ ଦାସ ମାଆଙ୍କ ପୁସ୍ତକ ଉପରେ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ବର୍ଷାନ୍ତ କବିତା ଆସରରେ ଶୀତ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ବ୍ୟଙ୍ଗକବି ପ୍ରଭାକର ସାହୁ ଓ କବି ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲେ । ସଭାପତିତ୍ୱ କରିଥିଲେ ସଂଗୀତ ଗୁରୁ ଗଙ୍ଗାଧର ସେଠୀ । କବିତା ପାଠୋତ୍ସବରେ, ଗର୍ଗପଦ ପଣ୍ଡା, ଯୋଗେଶ ଚନ୍ଦ୍ର ବେହେରା, ମୁକ୍ତିଲତା ଆଇଚ, ପ୍ରଭାତ କୁମାର ଆଚାର୍ଯ୍ୟ, ତପନ କୁମାର ଦାସ, ଜୟଶ୍ରୀ ମିଶ୍ର, କରୁଣାକର ଖଟୁଆ, ଚକ୍ରଧର ଦାସ, ଶାନ୍ତିଲତା ପାତ୍ର, ସୁନାମଣି ଜେନା, ବିଧାନ ଚନ୍ଦ୍ର ରାୟ, ମିନତି ପାତ୍ର, ଜଳଧର ପଣ୍ଡା, ବାସନ୍ତୀ ଦାସ, ରମେଶ ଚନ୍ଦ୍ର ଜେନା ସମେତ ୩୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଇଂ ସୁରଜ କୁମାର ଦାସ, ଦେବସ୍ମିତା, ଲଲାଟେନ୍ଦୁ ପଟ୍ଟନାୟକ, ଅର୍ଣ୍ଣବ, ଧୀରେଜ, ଗୋବିନ୍ଦ ଚନ୍ଦ୍ର ଦାସ, ସୁକୁଳ ପ୍ରସାଦ ଦାସ, ସରୋଜ ଗତି, ଦିଲ୍ଲୀପ କୁମାର ବେହେରା ଓ ମନୋରଂଜନ ବେହେରା ।

ଦେଶି ମଦ ଚାଲାଣ ବେଳେ ଚଢଉ, ୨ ଗିରଫ

ଜୟପୁର,୩୦/୧୨(ନି:ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ହେଲେ କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗ୍ରାମର ଭକ୍ତ ଚୌଧୁରୀ (୨୩) ଓ ଉପେନ୍ଦ୍ର ଚୌଧୁରୀ (୨୬) । ଅବକାରି ବିଭାଗର ସୂଚନା ଅନୁଯାୟୀ, କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗ୍ରାମର ଭକ୍ତ ଚୌଧୁରୀ ଓ ଉପେନ୍ଦ୍ର ଚୌଧୁରୀ ବାଇକରେ ଦେଶି ମଦ ଧରି ଚାଲାଣ କରୁଥିବା ବେଳେ ଚଢଉ କରିଛି ଅବକାରି ବିଭାଗ । ଅବକାରି ବିଭାଗ ସୂଚନା ପାଇ ଜୟପୁର ସଦର ଥାନା ଅନ୍ତର୍ଗତ ମାଳି ଦଳେଇପୁଟ ଛକରେ ଚଢଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫୦ ଲିଟର ଦେଶି ମଦ ଓ ବାଇକ ଜବତ କରିଥିବା ଅବକାରି ବିଭାଗ ସୂଚନା ଦେଇଛି ।

ପଞ୍ଚୁପାଲି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଶିଶୁ ସୁରକ୍ଷା ଶିକ୍ଷା

ଲଙ୍ଗଳେଶ୍ୱର,୩୦/୧୨(ନି:ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି କମଳ କୁମାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶିବିର ପଞ୍ଚମ ଦିନରେ ଶିଶୁ ସୁରକ୍ଷା ଅଭିଯାନ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ଜିଲ୍ଲା ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଯୋଗଦେଇ ଶିଶୁ ମାନଙ୍କର ଅଧିକାର ଓ ନିୟମ କାନୁନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ ସଭାରେ ସମ୍ମାନିତ ଅତିଥି ଭାବେ ଚାଇଡ଼୍ ଲାଇନ ଟିମ ମେମ୍ବର ଉତ୍ତମ କୁମାର ନାୟକ ଅଧ୍ୟାପକ ସୁଧୀର କୁମାର ନନ୍ଦ ସାମ୍ବାଦିକ ସୁବଲ ଚନ୍ଦ୍ର ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ପ୍ରୋଗ୍ରାମ ଅଫିସର ଡକ୍ଟର ଲକ୍ଷ୍ମୀକାନ୍ତ ରଥ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସରୋଜିନୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଦିବସରେ ସିବିରାର୍ଥୀ ମନେ ଗ୍ରାମରେ ବୃକ୍ଷ ରୋପଣ କରିବା ସହିତ ସ୍ୱଚ୍ଛତା ଓ ଅମ୍ଳଜାନ ବାବଦରେ ସଚେତନ କରାଇଥିଲେ ।

ସିପିଆଇ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୩୦/୧୨(ନି:ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଜେପି ସରକାର ପ୍ରତିଷ୍ଠା ପରେ ଅଣ ବିଜେପି ଶାସିତ କେରଳ, ତାମିଲନାଡୁ, ତେଲେଙ୍ଗାନା ରାଜ୍ୟ ଗୁଡିକର ରାଜ୍ୟପାଳମାନଙ୍କ ଭୂମିକା ଓ ରାଜଭବନଗୁଡ଼ିକ ବିଜେପିର କ୍ୟାମ୍ପ ଅଫିସରେ ପରିଣତ ହୋଇଛି । ରାଜ୍ୟ ଗୁଡିକୁ ଅସ୍ଥିର କରିବା ପାଇଁ ବିଜେପିର ହାତ ବାରିସ ସାଜି ରାଜ୍ୟପାଳ ମାନେ କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ନିର୍ବାଚିତ ସରକାର ଥିବାବେଳେ ରାଜ୍ୟ ସରକାରଙ୍କ ଅସ୍ତିତ୍ୱକୁ ଉପେକ୍ଷା କରି ରାଜ୍ୟପାଳ ନିଜ ହାତରେ କ୍ଷମତାକୁ କେନ୍ଦ୍ରୀଭୂତ କରିବାକୁ ଚେଷ୍ଟା କରୁଥିବା ଯାହାକି ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥାର ବିରୋଧୀ ଅଟେ । ଏହାକୁ ନେଇ ସିପିଆଇ ପକ୍ଷରୁ ପ୍ରତିବାଦ କରାଯାଇ ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ଦୃଢ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ରମଣୀ ରଞ୍ଜନ ରାଉତରାୟ, ସଂଯୁକ୍ତା ରାଉତ, ଭଗବତୀ ନାୟକ, କାନ୍ତିପ୍ରଭା ନାୟକ, ଭଜହରି ପ୍ରଧାନ, ସଂଜୟ ବସନ୍ତିଆ, ସଂଘମିତ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଏକ ଜରୁରୀ ବୈଠକ

ବାଲେଶ୍ୱର,୩୦/୧୨(ନି:ପ୍ର): ନୂଆବଜାର ବିମଲ ବାବୁଙ୍କ ସେଲୁନ ପ୍ରାଙ୍ଗଣରେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଏକ ଜରୁରୀ ବୈଠକ ଅପରାହ୍ନ ୫ ଘଟିକା ସମୟରେ, ସ୍ଥାୟି ସଭାପତି ଏଡଭୋକେଟ ଶ୍ରୀଯୁକ୍ତ ଅରବିନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ ସାରସ୍ୱତ ସାଧକ ଶ୍ରୀଯୁକ୍ତ କୁର୍ତ୍ତିବାସ ବେଜ ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ରୂପସା ରୁ ଆସିଥିବା ଉପ ସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକ ମହୋଦୟ । ମଞ୍ଚ ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ର ଲୋଚନ ବାରିକ ମହୋଦୟ । ଆଗାମି ଜାନୁୟାରୀ ୨୭ ତାରିଖ୨୦୨୩ ମସିହାରେ, ହେବାକୁଥିବା, ବାଲେଶ୍ୱର ଜିଲ୍ଲା ବାରିକ ସମିତିର ୮୪ ତମ ବାର୍ଷିକ ସମ୍ମିଳନୀ କିପରି ସଫଳ ହେବ ତା ଉପରେ ସମସ୍ତେ ଆଲୋକପାତ କରିଥିଲେ । ଉପସ୍ଥିତ ଥିଲେ-ଶ୍ରୀଯୁକ୍ତ କରୁଣାକର ବାରିକ,ରମାକାନ୍ତ ବେଦ, ସନ୍ୟାସୀ ବାରିକ, ବନମାଳୀ ବାରିକ, ହରିହର ବାରିକ, ସଞ୍ଜୟ ବାରିକ, ହେମନ୍ତ ବାରିକ, ରାଜେନ୍ଦ୍ର ବାରିକ, ନୀରଞ୍ଜନ ବାରିକ, ନଣ୍ଟୁ ବାରିକ, ମନୋରଞ୍ଜନ ବାରିକ, ଦେବେନ୍ଦ୍ର ବାରିକ, ବିଶ୍ୱନାଥ ବାରିକ, ବାଦଲ ବାରିକ, ରମାକାନ୍ତ ବାରିକ, ଗଣେଷ ବାରିକ, ବସନ୍ତ ବାରିକ, ଶଙ୍କର ବାରିକ ଓ ରବିନ୍ଦ୍ର ବାରିକ ଇତ୍ୟାଦି ଶତାଧିକ ବାରିକ(କ୍ଷୋରକାର) ଜାତିଭାଇ ମାନେ । ଶେଷରେ କୋଷାଧକ୍ଷ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ପୁରୀ,୩୦/୧୨(ନି:ପ୍ର): ଭାରତୀୟ ପର୍ଯ୍ୟଟନ ବିଭାଗ ଓ ଉତ୍କଳ ବିଦ୍ୟୁତ ପରିଷଦ ସହଭାଗିତାରେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭକ୍ତ ସାଲବେଗ ପିଠ ସଭାଗୃହରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସ୍ୱଚ୍ଛତା ଏବଂ ଏହାର ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା । ଭାରତୀୟ ପର୍ଯ୍ୟଟନ ଏବଂ ଯାତ୍ରା ପ୍ରବନ୍ଧନ ସଂସ୍ଥାନ ର ଅଧିକାରୀ ଡ଼ ଆଦ୍ୟାଶା ଦାସ, ଡ଼ ସରିତା ପ୍ରଧାନ ଓ ମୁଖ୍ୟ ଅତିଥି ଭାରତ ସରକାରଙ୍କ ନାରିକେଳ ବିକାଶ ବୋର୍ଡର ପୂର୍ବତନ ଉପାଧକ୍ଷ ଡ଼ ବିଶ୍ୱନାଥ ରଥ ଶ୍ରୀ ଜଗନ୍ନାଥଙ୍କ ଧାମରେ ସ୍ୱଚ୍ଛତାର ଶ୍ରେଷ୍ଠ ପ୍ରଦର୍ଶନ ହୋଇପାରିଲେ ଧାମର ମର୍ଯ୍ୟାଦା ବୃଦ୍ଧି ହେବ ଏବଂ ଭକ୍ତ ତଥା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ମତ ପ୍ରକାଶ କରିଥିଲେ। ପରିଷଦର ଅଧକ୍ଷ ମନୋଜ ରଥ ସ୍ୱାଗତ ଭାଷଣ ପ୍ରଦାନ କରି ମଂଚ ସଂଚାଳନ କରିଥିଲେ । ବିଜୟ କୃଷ୍ଣ ବ୍ରହ୍ମ। ଧନ୍ୟବାଦ ଅର୍ପଣ କରିଥିଲେ। ସିଦ୍ଧାର୍ଥ ଶଙ୍କର ନନ୍ଦ, କମଳାକାନ୍ତ ଆଚାର୍ଯ୍ୟ, ବିରଂଚି ମିଶ୍ର, ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବାଲେଶ୍ୱର ଜିଲ୍ଲା ବାରିକ ସମିତି-ରୂପସା ଶାଖାର ବୈଠକ

ରୂପସା,୩୦/୧୨(ନି:ପ୍ର): ଗୁରୁବାର ସନ୍ଧ୍ୟା ୫ ଘଟିକା ସମୟରେ, ପାଟପୁର ବଜାରସ୍ଥ ମୃତ୍ୟୁଞ୍ଜୟ ବାରିକଙ୍କ ସେଲୁନ ନିକଟରେ, ବାଲେଶ୍ୱର ଜିଲ୍ଲା ବାରିକ ସମିତି-ରୂପସା ଶାଖାର ଏକ ବୈଠକ, ବରିଷ୍ଠ ଶ୍ରୀଯୁକ୍ତ ଜୟନ୍ତ କୁମାର ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଚାସୀନ ଥିଲେ,ଉପ ସଭାପତି ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବାରିକ ମହୋଦୟ, ସମ୍ପାଦକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ବାରିକ ଏବଂ କୋଷାଧକ୍ଷ ଶ୍ରୀଯୁକ୍ତ ତପନ କୁମାର ବାରିକ ମହୋଦୟ । ଆସନ୍ତା ଜାନୁୟାରୀ ୨୭ ତାରିଖ୨୦୨୩ ରେ ହବାକୁ ଥିବା ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର ଠାରେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର୮୪ ତମ ବାର୍ଷିକ ସମ୍ମିଳନୀକୁ କିପରି ସଫଳ କରାଯିବ, ତାହାରି ଉପରେ ବିଶେଷ ଆଲୋଚନା କରାଯାଇ ଥିଲା । ଉପସ୍ଥିତ ଥିଲେ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ବାରିକ, ମାଧବ ବାରିକ, ସଞ୍ଜୟ ବାରିକ, ଭଗବାନ ବାରିକ, ସରୋଜ ବାରିକ, ମୃତ୍ୟୁଞ୍ଜୟ ବାରିକ ଓ ଜିତେନ୍ଦ୍ର କୁମାର ବାରିକ ଇତ୍ୟାଦି ବହୁ ବାରିକ ଜାତି ଭାଇମାନେ । ଶେଷରେ ସମ୍ପାଦକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଗୁରୁକୂଳ ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୩୦/୧୨(ନି:ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁର ଠାରେ ଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁରୁକୂଳ ଆବାସିକ ବିଦ୍ୟାଳୟର ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନରେ ନିର୍ଦ୍ଦେଶକ ଅଭିମନ୍ୟୁ ଗୋଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କିଟ +୨ ବିଜ୍ଞାନ ମହା ବିଦ୍ୟାଳୟର ଅଧକ୍ଷ ଚିତ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା କଲେଜର ପୂର୍ବତନ ଅଧ୍ୟାପକ ପ୍ରଦିପ୍ତ କିଶୋର ଦାସ, ସମ୍ମାନିତ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, କପାଳେଶ୍ୱର ସରପଂଚ କଳ୍ପନା ମହାନ୍ତି, ବ୍ୟଙ୍ଗ କବି ଶ୍ରୀଧର ମହାନ୍ତି, ଅଧ୍ୟାପକ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇ ବର୍ତମାନ ସମାଜରେ ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଗୁରୁକୂଳ ପରମ୍ପରାର ଆବଶ୍ୟକତା ଓ ଅଭିଭାବକମାନଙ୍କ ଭୂମିକା ସଂପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷା ସହିତ ସଂସ୍କାର ଓ କିଛି ନୂଆ କରିବାରେ ସୃଜନଶୀଳତା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଲକ୍ଷ୍ୟ ହେବା ଉଚିତ୍। କଠିନ ପରିଶ୍ରମ ଦୃଢ ଇଚ୍ଛାଶକ୍ତି, ନିଷ୍ଠା ଓ ଉଦମ୍ୟ ପରିଶ୍ରମ ଦ୍ୱାରା ଜଣେ ଛାତ୍ର ନିଶ୍ଚିନ୍ତ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବ ବୋଲି ଉପସ୍ଥିତ ଥିବା ବ୍ୟକ୍ତାମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଉତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯାଇ ଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଜୟ ଗୋଛାୟତ, ପ୍ରଶାନ୍ତ ସେଠୀ, ବଳରାମ ବେହେରା, ସୁଭଦ୍ରା ଲେଙ୍କା, ତପନ ଦଲାଇ, ପ୍ରଶାନ୍ତ ପାଣି, ସାରଦା ପ୍ରସାଦ ନନ୍ଦ ପ୍ରମୁଖ ଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଖଗେଶ୍ୱର କର ଧନ୍ୟବାଦ ଅର୍ପଣ କରିଥିଲେ।

ସିଆରପିଏଫ୍ ପାର୍ବତୀ ଗିରି ବାଲ ନିକେତନ ଶିଶୁମାନଙ୍କୁ ଭିମ ଡୁଙ୍ଗୁରି ବନ ବିହାର କଲା

ବଲାଙ୍ଗିର,୩୦/୧୨(ନି:ପ୍ର): ସଭାବନା ସଂକେତ ରୂପରେ ବଲାଙ୍ଗିର ସ୍ଥିତ ସିଆରପିଏଫ୍ ବାଟାଲିୟନ ୧୮୯ ର କମାଣ୍ଡେଂଟ ପବନ ତିଓ୍ୱାରୀ ବଲାଙ୍ଗିର ପଥରଚେପା ସ୍ଥିତ ପାର୍ବତୀଗିରି ବାଲ ନିକେତନର ଶିଶୁମାନଙ୍କୁ ଦେଓଗାଁ ବ୍ଲକ ସ୍ଥିତ ଭିମଡୁଙ୍ଗୁରି ପର୍ଯ୍ୟଟନସ୍ଥଳରେ ବଣ ଭୋଜି କରିବା ପାଇଁ ବାହାନ ସହିତ ସହାୟତା ବ୍ୟବସ୍ଥା କରିଥିଲେ। ଶ୍ରୀ ତିଓ୍ୱାରୀ ପିଲା ମାନଙ୍କୁ କହିଥିଲେ ଯେ, ଯେତେବେଳେ ମଧ୍ୟ ଆବଶ୍ୟକତା ହେବ ଆମେ ସହାୟତା ସହିତ ସବୁପ୍ରକାର ସହଯୋଗ କରିବୁ। ଇନ୍ସପେକ୍ଟର ସନ୍ତୋଷ କୁମାର, ସବ୍ ଇନ୍ସପେକ୍ଟର ସମରଜିତ ସିଂ, ଏ.ଏସ୍.ଆଇ ବଳଦେବ ମଧ୍ୟ ଉପସ୍ଥିତ ଥିଲେ। ଏହି ବାଲ ନିକେତନ ପିଲାଙ୍କୁ ଦୁର୍ଗା ପୂଜା ଦୀପାବଳି, ରଥଯାତ୍ରା ସହିତ ଏବେ ଭିମଡୁଙ୍ଗୁରି ପିକନିକ୍ ବ୍ୟବସ୍ଥା ଆମୋଦ ପ୍ରଦାନ କରିଛି।

ବିକାଶକୁ ଚାହିଁ ବସିଛି, ଇନ୍ଦ୍ରଧନୁର ପ୍ରପାତ ଝିଙ୍କିରା ଜଳପ୍ରପାତ

ଯୋଡ଼ା,୩୦/୧୨(ନି:ପ୍ର): କେନ୍ଦୁଝର ଜିଲ୍ଲା ହେଉଛି ପ୍ରକୃତିର ଗନ୍ତାଘର । ଏହି ଗନ୍ତାଘରେ ରହିଛି ଅନୁପମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ । ହେଲେ ଅନେକ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବେଳେ ଅନେକ ପର୍ଯ୍ୟଟନସ୍ଥଳୀ ବିକାଶକୁ ଚାହିଁ ବସିଛି । ସେହିପରି ପ୍ରକୃତିର ଅପରୂପ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଝିଙ୍କିରା ନାଳ ପର୍ଯ୍ୟଟନସ୍ଥଳୀର ମାନ୍ୟତାକୁ ଅପେକ୍ଷା କରି ବସିଛି । ଜିଲାର ସୀମାନ୍ତ ଖଣି ଅଂଚଳ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଲୌହ ଖଣିର ଲିଜ କ୍ଷେତ୍ରର ବଲାଣି ପଂଚାୟତରେ ରହିଛି ଝିଙ୍କିରା ଜଳପ୍ରପାତ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ବଲାଣି ଠାରୁ ମାତ୍ର ୪ କିଲୋମିଟର ହୋଇଥିବା ବେଳେ ଖଣି ସହର ବଡ଼ବିଲ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ । ବଲାଣି ଲୌହ ଖଣିର ଝିଙ୍କିରା ପମ୍ପ ହାଉସ ନିକଟରେ ଏକ ପ୍ରାକୃତିକ ଝରଣା ବାହାରି ୮୦୦ ଫୁଟ ପାହାଡ଼ରୁ ତଳକୁ ଖସିବା ସମୟରେ ପାହାନ୍ତର ସୂର୍ଯ୍ୟ କିରଣରେ ଇନ୍ଦ୍ରଧନୁ ସୃଷ୍ଟି କରିଥାଏ । ସେଥିପାଇଁ ଏହାକୁ ପର୍ଯ୍ୟଟକ ଇନ୍ଦ୍ରଧନୁର ପ୍ରପାତ ମଧ୍ୟ କହିଥାନ୍ତି । ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଝରଣା ପାଦ ଦେଶରେ ବୋହି ଯାଉଥିବା ଝରଣା ଜଳର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଏହି ଜାଗାକୁ ପହଂଚିବାକୁ ବଲାଣି ଖଣିର କଚା ରାସ୍ତା ଦେଇ ଯିବାକୁ ପଡିଥାଏ । ପରେ ଏକ ସଂକୀର୍ଣ୍ଣ ରାସ୍ତା ଦେଇ କୁଳୁକୁଳୁ କରି ବୋହିଯାଉଥିବା ଝରଣା ଓ ଛୋଟଛୋଟ ପାହାଡ଼ ଚଢିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି କିଛି ବାଟ ଉପରକୁ ଗଲେ ଝିଙ୍କିରା ପ୍ରପାତର ପାଦ ଦେଶରେ ପହଂଚି ହୁଏ । ପ୍ରପାତ ନିକଟକୁ ପହଂଚିବା ରାସ୍ତାରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏତେ ମନୋରମ ଯେ ବର୍ଷ ତମାମ ଏଠାରେ ପର୍

କେ. ନାଇଡୁ ଟ୍ରଫି ପାଇଁ ଭଦ୍ରକ କିଶାନ ମନୋନୀତ

ଭଦ୍ରକ, ୩୦/୧୨ (ନି.ପ୍ର): ଜାନୁଆରୀ ୧ ତାରିଖରୁ କର୍ଣ୍ଣାଟକର ବାଙ୍ଗାଲୋର ଠାରେ ଆରମ୍ଭ ହେବାକୁଥିବା ସି.କେ. ନାଇଡୁ ଟ୍ରଫି ପ୍ରତିଯୋଗିତା ପାଇଁ ଘୋଷିତ ଓଡ଼ିଶା କ୍ରିକେଟ ଦଳରେ ଭଦ୍ରକ ଜିଲ୍ଲାର କିଶାନ ମନୋହର ମହାନ୍ତି ମନୋନୀତ ହୋଇଛନ୍ତି । କିଶାନଙ୍କ ଘର ଚରମ୍ପା ପାଞ୍ଚପଡ଼ା ଗ୍ରାମରେ । ସେ ପିତା ରତ୍ନାକର ମହାନ୍ତି ଓ ମାତା ନିବେଦିତା ମହାନ୍ତିଙ୍କ ପୁତ୍ର, ସେ ଭଦ୍ରକ ଜୁନିଅର କଲେଜର ଯୁକ୍ତ ୨ ଛାତ୍ର । ସେ ଜଗନ୍ନାଥପୁର କ୍ରିକେଟ କ୍ଲବରୁ ନିଜର କ୍ରିକେଟ କ୍ୟାରିଅର ଆରମ୍ଭ କରିଥିବା ବେଳେ ଏବେ ସେ ଭଦ୍ରକ କ୍ରିକେଟ ଏକାଡେମୀ ପାଇଁ ଖେଳ ଜାରୀ ରଖିଛନ୍ତି । ସେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଆନ୍ତ ବିଶ୍ୱ ବିଦ୍ୟାଳୟ କ୍ରିକେଟ ୨ ଥର ଖେଳିଛନ୍ତି । ତାଙ୍କର ଓଡ଼ିଶା ଦଳରେ ସାମିଲ ହେବା ନେଇ ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଧିରେନ ପଲାଇ, ସଭାପତି ଉପେନ୍ଦ୍ର ବାରିକ, କୋଷାଧକ୍ଷ ବ୍ୟୋମକେଶ ସେନାପତି, ଜଗନ୍ନାଥପୁର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ, ନିଳମାଧବ ଦାସ, ଜ୍ଞାନେନ୍ଦ୍ର ପ୍ରସାଦ ମହାନ୍ତି, ମୃତ୍ୟୁଞ୍ଜୟ ମହାନ୍ତି, ବିଜୟ ମହାନ୍ତି, ସଇଦ୍ ଖାନ୍, ଦେବବ୍ରତ ଜେନା, କୋଚ୍ ଅସିତ୍ ଦାସ, ପୂର୍ଣ୍ଣେନ୍ଦୁ ଜେନା, କ୍ରୀଡା ଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି ।

କ୍ରିକେଟର ଋଷଭ ପନ୍ତଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଭାରତୀୟ କ୍ରିକେଟ୍ ଖେଳାଳି ଋଷଭ ପନ୍ତ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦବେଗ ପ୍ରକାଶ କରିବା ସହତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ - ଉତ୍ତରାଖଣ୍ଡରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ କ୍ରିକେଟର ଋଷଭ ପନ୍ତଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ବିଷୟକୁ ନେଇ ଗଭୀର ଚିନ୍ତିତ । ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରୁଛି ।

ରାଉରକେଲା ବିମାନବନ୍ଦରରେ ଏଟିଆର୍-୭୨ ବିମାନର ପରୀକ୍ଷଣ ଅବତରଣ ସଫଳତାର ସହ ସମ୍ପନ୍ନ

ରାଉରକେଲା, ୨୯/୧୨ (ନି.ପ୍ର): ଡିସେମ୍ବର ୩୦ ତାରିଖ ଅପରାହ୍ନରେ ରାଉରକେଲା ବିମାନବନ୍ଦରରେ ଆଲାଇନ୍ସ ଏୟାର ଏଟିଆର - ୭୨ ବିମାନର ପରୀକ୍ଷଣ ଅବତରଣ ସୁଚାରୁ ଓ ସଫଳତାର ସହ ସମ୍ପାଦନ ହୋଇ ଯାଇଛି । ଏହି ଅବସରରେ ଓଡିଶା ସରକାରଙ୍କର ଦକ୍ଷତା ବିକାଶ, ବାଣିଜ୍ୟ ଏବଂ ପରିବହନ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଏବଂ କ୍ରୀଡ଼ା ଓ ଯୁବସେବା ସଚିବ ଶ୍ରୀ ଆର ଭିନୀଲ କ୍ରୀଷ୍ଣା, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ, ବାଣିଜ୍ୟ ଏବଂ ପରିବହନ ବିଭାଗର ଅତିରିକ୍ତ ସଚିବ ସୁଶ୍ରୀ ଦେବଦତ୍ତା ସୁରନଜିତା ଜେନା, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଗଭାଲି ପରାଗ ହର୍ଷଦ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଶୁଭଂକର ମହାପାତ୍ର, ରାଉରକେଲାର ଏସପି ଶ୍ରୀ ମୁକେଶ କୁମାର ଭାମୁ, ଆରଏସପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପି କେ ଶତପଥୀ, ରାଜ୍ୟ ସରକାର, ଆରଏସପି ଓ ଏୟାର ପୋର୍ଟ ଅଥରିଟି ଅଫ ଇଣ୍ଡିଆର ଅନ୍ୟ ବରିଷ୍ଠ ଅଧିକାରୀ ତଥା ହକି ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ । ବିମାନର ସୁଗମ ଅବତରଣ ପାଇଁ ମାନ୍ୟଗଣ୍ୟ ବ୍ୟକ୍ତି ସମୂହ ପାଇଲଟମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରେପରେ ବିମାନଟି ବିମାନ ବନ୍ଦରରୁ ଝାରସୁଗୁଡାକୁ ଫେରିଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ ରାଉରକେଲା ବିମାନ ବନ୍ଦର, ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ୨୦୨୨ ଡିସେମ୍ବର ୧୯ ତାରିଖରେ ବେସାମରିକ ବିମାନ ଚଳାଚଳର ମହାନିର୍ଦ୍ଦେଶକଙ୍କ ଠାରୁ ୨ସି ଲାଇସେନ୍ସ ପାଇଥିଲା । ସଫଳ ପରୀକ୍ଷଣ ଅବତରଣ ଏବଂ ଏଟିଆର୍-୭୨ ବିମାନର ଅବତରଣ ସହିତ ବିମାନ ବନ୍ଦରରୁ ନିୟମିତ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ।

ଶହୀଦ ପରିବାର ବର୍ଗଙ୍କୁ ଜମି ପଟ୍ଟା ପ୍ରଦାନ

ବାରିପଦା, ୩୦/୧୨ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଦେଶ ପାଇଁ ପ୍ରାଣବଳୀ ଦେଇ ଶହୀଦ ହୋଇଥିବା ଜିଲ୍ଲାର ୩ ଜଣ ଶହୀଦଙ୍କ ପରିବାର ବର୍ଗଙ୍କୁ ବାରିପଦା ପୌରାଂଚଳରେ ୪ ଡେସିମିଲ ଲେଖାଏଁ ଜମୀର ପଟ୍ଟା ପ୍ରଦାନ କରିଛନ୍ତି । ଏହି ଅବସରରେ ଶୁଳିଆପଦାର ଶହୀଦ ହିକିମ ହେମ୍ବ୍ରମଙ୍କ ମାତା ବୁଧୁ ହେମ୍ବ୍ରମ, ରାସଗୋବିନ୍ଦପୁରର ଶହୀଦ ସୁରେଶ ଚନ୍ଦ୍ର ହେମ୍ବ୍ରମଙ୍କ ଧର୍ମପତ୍ନୀ ପୁଷ୍ପମଂଜରୀ ସୋରେନ ଓ ଶୁଳିଆପଦାର ଶହୀଦ ସୁଧୀର କୁମାର ଟୁଡୁଙ୍କ ମାତା ଜାଉନା ଟୁଡୁଙ୍କୁ ଜିଲ୍ଲାପାଳ ଉକ୍ତ ଜମି ପଟ୍ଟା ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଶହୀଦ ହିକିମ ହେମ୍ବ୍ରମ ସିଆରପିଏଫରେ ଶହୀଦ ସୁରେଶ ଚନ୍ଦ୍ର ହେମ୍ବ୍ରମ ଓ ସୁଧୀର କୁମାର ଟୁଡୁ ଓଡିଶା ପୋଲିସର ସଶସ୍ତ୍ର ବାହିନୀରେ କାର୍ଯ୍ୟରତ ଥିଲାବେଳେ ଶହୀଦ ହୋଇଥିଲେ । ଶହୀଦ ସୁଧୀର କୁମାର ଟୁଡୁଙ୍କୁ ତାଙ୍କର ସାହାସିକତା ପାଇଁ ନିକଟ ଅତୀତରେ ମରଣତର ଭାବେ ସୌର୍ଯ୍ୟ ଚକ୍ର ପୁରସ୍କାର ପ୍ରଦାନ କରାଯାଇ ଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୁଷିକେଶ ଦ୍ୟାନଦେଓ ଖିଲାରୀ, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ତହସିଲଦାର ବିକ୍ରମ କେଶରୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଶହୀଦ ପରିବାର ମାନଙ୍କ ପାଇଁ ବିଭିନ୍ନ ସରକାରଙ୍କ ତରଫରୁ ଯେଉଁ ସବୁ ଯୋଜନା ଓ ସହାୟତା ନୀତି ଲାଗୁ କରାଯାଉଛି ସେସବୁ ମଧ୍ୟ ପ୍ରଶାସନ ତରଫରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ଅବସରରେ ପ୍ରକାଶ କରିଥିଲେ ।

ଅବକାରୀ ବିଭାଗରେ ଇ-ଅଫିସର ଶୁଭାରମ୍ଭ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଦ୍ୱାରା ଶୁକ୍ରବାର ଅବକାରୀ ନିର୍ଦ୍ଦେଶାଳୟ ଓ ଓଡିଶା ପାନୀୟ ନିଗମରେ 'ଇ-ଅଫିସ୍' ର ଶୁଭାରମ୍ଭ ହୋଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅବକାରୀ ଆୟୁକ୍ତ ଅଶିଷ କୁମାର ସିଂହ, ଓଡିଶା ପାନୀୟ ନିଗମ ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ କୁମାର ଷଡଙ୍ଗୀ, ଅତିରିକ୍ତ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ପାଲଟା, ସି.ଏମ୍. ଜି. ଆଇ. ନିର୍ଦ୍ଦେଶକ ସତ୍ୟପ୍ରିୟ ରଥ ଓ ଏନଆଇସିର ବିଭୂ ପ୍ରସାଦ ମିଶ୍ର ଯୋଗଦେଇ ଇ-ଅଫିସ୍ ର ଉପାଦେୟତା ତଥା ସରକାରଙ୍କ ୫-ଟି ଉପରେ ଏହା ପର୍ଯ୍ୟବେସିତ ହୋଇଥିବା ମତାମତ ପ୍ରଦାନ କରିଥିଲେ । ଅବକାରୀ ବିଭଗର ପ୍ରମୁଖ ଶାସନ ସଚିବ ଶ୍ରୀ ଧଳ ଆଗାମୀ ଦିନରେ ଇ-ଅଫିସ୍ ଅବକାରୀ ନିର୍ଦ୍ଦେଶାଳୟ ଓ ଓଡିଶା ପାନୀୟ ନିଗମର କାର୍ଯ୍ୟଧାରାରେ ବ୍ୟାପକ ସହାୟକ ହେବ ବୋଲି ଆଶା ପ୍ରକଟ କରିଥିଲେ । ଇ-ଅଫିସ୍ ଦ୍ୱାରା ବିଭିନ୍ନ ଜିଲ୍ଲାରେ ଥିବା ଜିଲ୍ଲା କାର୍ଯ୍ୟାଳୟ, ଅବକାରୀ ଥାନା ଓ ଅବକାରୀ ଉପାୟୁକ୍ତଙ୍କ କାର୍ଯ୍ୟାଳୟ ସହ ତୁରନ୍ତ ଚିଠିର ଆଦାନ ପ୍ରଦାନ ହେବା ସହ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ଭାବେ ହୋଇପାରିବ । ପ୍ରକାଶ ଥାଉକି ଯେ ଇ-ଅଫିସ୍ ଏନଆଇସି ଦ୍ୱାରା ବିକାଶ କରାଯାଇ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଉପଯୋଗ ହେଉଅଛି । ଏହା ଦ୍ୱାରା ପୂର୍ବରୁ ଚାଲି ଆସୁଥିବା ଅଫ୍ ଲାଇନ୍ ବଦଳରେ ସମସ୍ତ କାର୍ଯ୍ୟ ଅନ୍ ଲାଇନ୍ ମାଧ୍ୟମରେ ସ୍ୱଳ୍ପ ସମୟରେ କ୍ଷୀପ୍ର ଗତିରେ ହୋଇପାରିବା ସହ ଜନ ସାଧାରଣଙ୍କ ସେବାରେ ବିନିଯୋଗ ହୋଇପାରିବ । ଏଥିରେ ଅବକାରୀ ଅତିରିକ୍ତ ସଚିବ ସାଇଦତ୍ତବିପ୍ଳବ କେଶରୀ ପ୍ରଧାନ, ଓଡିଶା ପାନୀୟ ନିଗମର ସାଧାରଣ ପରିଚାଳକ ଶୁଭଦର୍ଶୀନୀ ସ୍ୱାଇଁ,ମାନସ ରଞ୍ଜନ ସ୍ୱାଇଁ, ଯୁଗ୍ମ ଅବକାରୀ ଆୟୁକ୍ତ ଦିବ୍ୟଲୋଚନ ମହନ୍ତ, ଉପ ଅବକାରୀ ଆୟୁକ୍ତ ରାମଚନ୍ଦ୍ର ମିଶ୍ର ଓ ସି.ଏମ୍. ଜି. ଆଇ ର ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଚାଲିଛି ମୟୂରଭଂଜ ପୁସ୍ତକମେଳା : ବିଭିନ୍ନ କାର୍ଯ୍ୟକ୍ରମ ସହ ବହି ଷ୍ଟଲରେ ବ୍ୟାପକ ଭିଡ

ବାରିପଦା, ୩୦/୧୨ (ନି.ପ୍ର): ୯ମ ମୟୂରଭଂଜ ପୁସ୍ତକ ମେଳାର ଷଷ୍ଠ ଦିବସରେ ବହି ଷ୍ଟଲରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା । ଏନ.ବି.ଟି., ବିଦ୍ୟାପୁରୀ, ସୂର୍ଯ୍ୟନାରାୟଣ, ସାଇ ଯମୁନା, ସାଇନାଥ, କନିକା ତଥା ବାରିପଦା ଷ୍ଟଡି କମ୍ପ୍ଲେକ୍ସ ଭଳି ଷ୍ଟଲରେ ବହି ପାଇଁ ଅଧିକ ଭିଡ଼ ପରିଲକ୍ଷିତ ହୋଇଥିଲା । ଏମିତି କି ବାରିପଦାର ଅନ୍ୟତମ ସାରସ୍ୱତ ସଂଗଠକ ଶରତଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଖୋଲିଥିବା ମୟୂରଭଂଜର ଲେଖକ ଲେଖିକାଙ୍କ ପୁସ୍ତକ ଷ୍ଟଲରେ ମଧ୍ୟ ଭଲ ବିକ୍ରିବଟା ହେଉଥିବା ସୂଚନା ମିଳିଛି । କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାନ୍ଧ୍ୟ ସଭାରେ ପଦ୍ମଶ୍ରୀ ଡ. ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଭଂଜମାଟିର ସଂସ୍କୃତି ଓ ସାହିତ୍ୟ ଅନନ୍ୟ ବୋଲି ମତ ରଖିଥିଲେ । ପୁସ୍ତକମେଳାର ଅନ୍ୟତମ ସଦସ୍ୟ ଅଧ୍ୟାପକ ସନ୍ଦୀପ ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତା ଭାବରେ ଉଦଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଂପାଦକ ଡ. କୁମାର ଗୋପାଳ ଏବଂ ପ୍ରାକ୍ତନ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ପ୍ରାରମ୍ଭରେ ଅନ୍ୟତମା ସଦସ୍ୟା ସୁସ୍ମିତା ଘୋଷାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସଦସ୍ୟ ନରସିଂହ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଫେନସି ଡ୍ରେସ ପ୍ରତିଯୋଗିତାରେ ସୁନିର୍ବାଚିତ ୧୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ସୁସ୍ମିତା ଘୋଷାଲ, କାବେରୀ ମିଶ୍ର, ସୁପ୍ରୀତି ଦଳବେହେରା, ସଂଯୁକ୍ତା ଚାନ୍ଦ ବିଚାରକ ଭାବରେ ଯୋଗ ଦେଇଥିଲେ । ପ୍ରତିଯୋଗୀତାରେ ସମୀକ୍ଷା, ସାର୍ଥକ ଏବଂ ରିୟାଂଶୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଲାଭ କରିଥିଲେ । ସେହିପରି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପକ ସମରେନ୍ଦ୍ର ବଶା ଓ ନୃତ୍ୟଗୁରୁ ଆହିଦ ଖାନ ପରିଚାଳନା କରିଥିବା ବେଳେ, ରାଜ୍ୟର ପ୍ରସିଦ୍ଧ ନଂ୧ ଡ୍ୟାନ୍ସ ଗ୍ରୁପର କଳାକାର ତଥା ମୟୂରଭଂଜ କଲେଜ ଅଫ ଏକାଉଂଟେନସି ଏଣ୍ଡ ମେନେଜମେଂଟର ଛାତ୍ରଛାତ୍ରୀ ମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିପରି ଅପରାହ୍ନରେ ଆୟୋଜିତ କବିତାପାଠ ଇ.ସୁରଜ କୁମାର ତ୍ରିପାଠୀ, ବିଶେଶ୍ୱର ଦ୍ୱିବେଦୀ ଏବଂ ସୁଶ୍ରୀ କାବରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା । କବୟିତ୍ରୀ ପାର୍ବତୀ ବାରିକ ଓ ଗୋପାଳ ସାଓ କବିତା ସଂଯୋଜନା କରିଥିଲେ ।

ପେଲେଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ବ୍ରାଜିଲର ବିଶିଷ୍ଟ ଫୁଟବଲର ପେଲେଙ୍କ ବିୟୋଗେରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ପେଲେ ତାଙ୍କର ଖେଳର କୌଶଳ ପାଇଁ ଲକ୍ଷ ଲକ୍ଷ ଫୁଟବଲ ପ୍ରେମୀଙ୍କ ହୃଦୟରେ ରହିବେ । ତାଙ୍କର ପରିବାର ବର୍ଗ ଓ ପ୍ରଶଂସକ ମାନଙ୍କୁ ସମବେଦନା ଜଣାଉଛି ।

ଉତ୍କଳ ସମ୍ମିଳନୀର ୧୨୦ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ରାଜ ଭବନ ଛକରେ ଥିବା ସମ୍ମିଳନୀର ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳ ସମ୍ମିଳନୀ ମାର୍ଗରେ ଥିବା ସମ୍ମିଳନୀର ପ୍ରଥମ ସଭାପତି ମୟୁରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଦିବସ ପାଳନ କରାଯାଇଛି । ଉତ୍କଳ ସମ୍ମିଳନୀ ମଂଚଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମିଳନୀର ଉପଦେଷ୍ଟା ଅନନ୍ତ ପ୍ରସାଦ ଜେନା, ସଭାପତି ବିଭୁତି ମିଶ୍ର, ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ବର୍ତମାନର ପରିସ୍ଥିତିରେ ଉତ୍କଳ ସମ୍ମିଳନୀର ଦାୟୀତ୍ୱ ବଢିଯାଇଛି ବୋଲି କହିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ବାସନ୍ତି ତ୍ରିପାଠୀ, ଅକ୍ଷୟ ଜେଠୀ, ଗୋପୀ ମୋହନ ପଟ୍ଟନାୟକ, ପ୍ରକାଶ ସାମଲ, ଦୀପ୍ତିମୟୀ ନାୟକ, ରାମ ଚନ୍ଦ୍ର ସାମଲ ଓ ଶ୍ୱେତାଙ୍କ ମିଶ୍ର ସହିତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

୧୨୦ଟି ଶିକ୍ଷକ ପ୍ରଶିକ୍ଷକ ପଦବୀ ପୂରଣ ହେବ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୧୨୦ଟି ଶିକ୍ଷକ ପ୍ରଶିକ୍ଷକ ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁମୋଦନ କରିଛନ୍ତି । ଏଥିପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଡିସେମ୍ବର ୧୨ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଡିସେମ୍ବର ୨୦ ତାରିଖରେ ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହୋଇଛି ଓ ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ । କେବଳ ଅନ୍‌ଲାଇନ୍ ମାଧ୍ୟମରେ ହିଁ ପଞ୍ଜୀକରଣ କରାଯିବ । ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ତିନୋଟି ପର୍ଯ୍ୟାୟରେ ପରୀକ୍ଷା କରାଯିବ । ପ୍ରାଥମିକ ପରୀକ୍ଷା, ମୁଖ୍ୟ ଲିଖିତ ପରୀକ୍ଷା ଓ ସାର୍ଟିଫିକେଟ୍ ଯାଂଚ, ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ପରୀକ୍ଷା କରାଯିବ । କେବଳ ଇଂରାଜୀ ବିଷୟ ବ୍ୟତୀତ ପରୀକ୍ଷା ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ ପରେ ପ୍ରକାଶ କରାଯିବ । ବିଜ୍ଞପ୍ତି ସମ୍ପର୍କିତ ସବିଶେଷ ତଥ୍ୟ ଓଏସଏସସିର ୱେବ୍‌ସାଇଟ୍ ଙ୍ଗଙ୍ଗଙ୍ଗ.କ୍ଟଶ୍ଟଶ୍ଟମ.ଶକ୍ଟଙ୍ଗ.ସଭ ରେ ଉପଲବ୍ଧ ଅଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବିଶ୍ୱକପ୍ ହକି ବିରୁଦ୍ଧରେ....

କ୍ଷତିପୂରଣ ଦେବା ସହ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଗାଳି ଗୁଲଜ କରୁଥିବା ଅଧିକାରୀମାନଙ୍କୁ ଅପରାଧିକ ଆଇନ ଅନୁଯାୟୀ ଗିରଫ କରିବା, ସମ୍ବିଧାନର ଧାରା ୨୨, ୧୯ (୧)ଛ କୁ ସମ୍ମାନ ଦେବା, ଉଚ୍ଛେଦ ସମୟରେ ମାନବିକତା ଅବଲମ୍ବନ କରିବା, ହକି ଖେଳ ପାଇଁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଦେବା, ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କର ତାଲିକା ଅନୁଯାୟୀ ସେମାନଙ୍କୁ ଏକମାସ ମଧ୍ୟରେ ଥଇଥାନ କରିବା, ଉଚ୍ଛେଦ ସମୟରେ ମହାସଂଘର କମିଟିକୁ ଡ଼ାକି ଆଲୋଚନା କରିବା, ଯେଉଁ ଜାଗାରେ ଭେଣ୍ଡିଂଜୋନ ତିଆରି କରାଯାଉଛି ପ୍ରଥମେ ସେହି ଅ ଳରେ ଥିବା ଉଠାଦୋକାନୀ ମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବା ଓ ମହାସଂଘ ସହିତ ଆଲୋଚନା କରିବା, ବିଡ଼ିଏ ସ୍ୱାର୍ଡ଼ ସହିତ ମହାସଂଘର ସ୍ୱାର୍ଡ଼କୁ ସାମିଲ୍ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା, ଭେଣ୍ଡିଂଜୋନରେ ଏସ୍‌ଏଚ୍‌ଜିମାନଙ୍କୁ ବାଦ୍ ଦିଆଯାଉ, ସ୍ମାର୍ଟସିଟିରେ ଦିଆଯାଇଥିବା କିଓସ୍କ ଗୁଡ଼ିକୁ ସିବିଆଇ ତଦନ୍ତ କରାଯାଉ ଆଦି ୧୨ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା । ଏହି ଦାବିଗୁଡ଼ିକୁ ବିଏମ

ଶନିବାର, ଡିସେମ୍ବର ୩୧, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଚିଲିକାରେ ପକ୍ଷୀ ସୁରକ୍ଷା ନାମରେ ପ୍ରହସନ

ପୁରୀ, ୩୦/୧୨ (ନି.ପ୍ର): ପକ୍ଷୀତୀର୍ଥ ଚିଲିକା । ଶୀତ ଦିନେ ବିଦେଶୀ ପକ୍ଷୀଙ୍କ ମହାକୁମ୍ଭ ମେଳା ନଳବଣରେ ଦେଖିବାକୁ ମିଳେ । ହଜାର ହଜାର କିଲୋମିଟର ଦୂରରୁ ବିଦେଶୀ ପକ୍ଷୀ ଉଡ଼ି ଆସନ୍ତି ଚିଲିକାରେ କିଛି ମାସ ବିତରଣ କରନ୍ତି । ପକ୍ଷୀ ସୁରକ୍ଷା ନାମରେ ବନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ପକ୍ଷୀ ହତ୍ୟା ଦୋଷରୁ ମୁକୁଳି ପାରୁନାହାନ୍ତି । ବିଦେଶୀରୁ ଆସିଥିବା ପକ୍ଷୀ ଆଉ ଫେରୁପାରୁନାହାନ୍ତି ତାଙ୍କ ପୂର୍ବସ୍ଥାନକୁ । ପକ୍ଷୀର ଛୁଆ ମାଆକୁ ଝୁରୁଛନ୍ତି । ପ୍ରତିବର୍ଷ ଶହ ଶହ ପକ୍ଷୀ ଚିଲିକା ଚାରିପଟେ ମୃତ୍ୟୁ ମୁଖରେ ପଡୁଥିବାରୁ ପକ୍ଷୀ ଆଗମନ ମଧ୍ୟ ଦିନକୁ ଦିନ କମିବାରେ ଲାଗିଛି । ପକ୍ଷୀ ହତ୍ୟାକାରୀମାନେ ବିଭିନ୍ନ ଉପାୟରେ ପକ୍ଷୀ ଶିକାର କରୁଥିବା ଦେଖିବାକୁ ମିଳୁଛି । ଚିଲିକା ନିକଟ ଧାନ ଜମିରେ ଫାଶ ବସାଇ ବିଦେଶୀ ପକ୍ଷୀଙ୍କୁ ଶିକାର କରାଯାଉଥିବା ବେଳେ ଫାଶରେ ଛାଟିପିଟି ହୋଇ ସକାଳୁ ମଲଟ୍ୟୁ ମୁଖରେ ପଡୁଛି ବିଦେଶୀ ପକ୍ଷୀ । କଇଁ ଫୁଲ କେଶରରେ ଔଷଧ ପୁରାଇ ଶିକାରି ଜଗି ରହୁଛି । ବିଦେଶୀ ପକ୍ଷୀ ଫୁଲର କେଶର ଖାଇବା ପରେ ସେଠାରେ ଟଳି ପଡୁଛି । ଶିକାରୀ ପକ୍ଷୀକୁ ବ୍ୟାଗରେ ପୁରାଇ ଚମ୍ପଟ ମାରୁଥିବା ବହୁ ଅଭିଯୋଗ ଆସୁଛି । ବିଭିନ୍ନ ଧାନ ବିଲରେ ବିଷାକ୍ତ ଔଷଧ ପ୍ରୟୋଗ କରି ପକ୍ଷୀ ଶିକାର କରୁଥିବାରୁ ତାହା ବିଦେଶୀ ପକ୍ଷୀଙ୍କ ପାଇଁ ଭୟାନକ ପରିସ୍ଥିତି ସୃଷ୍ଟି କରିଛି । ବନ ବିଭାଗର କର୍ମଚାରୀମାନେ ସକାଳେ ଓ ସନ୍ଧ୍ୟାରେ ବାଡ଼ିଖଣ୍ଡିଏ ଧରି ବୁଲି ଆସୁଥିବା ବେଳେ ଶିକାରୀଙ୍କ ଟେର ପାଇ ପାରୁନାହାନ୍ତି । ସଚେତନତା ନାମରେ ବିଭିନ୍ନ ପ୍ରତିଯୋଗିତା, ଶୋଭାଯାତ୍ରା, ବୈଠକ କରାଯାଇ ସ୍ୱଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିଲେ ମଧ୍ୟ ତାହାର ଫଳ ଶୂନ୍ୟ ହେଉଛି । ବିଦେଶୀ ପକ୍ଷୀ ଚିଲିକାର ଅତିଥି ହୋଇଥିବା ବେଳେ ଅତିଥି ପକ୍ଷୀଙ୍କୁ ହତ୍ୟା କରି ମହାପାପରେ ଅଂଶୀଧାର ହେଉଛନ୍ତି ଶିକାରୀ । ରାଜ୍ୟ ସରକାର ଏଥିପାଇଁ ନୂଆ ନିୟମ ସହ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ସାମିଲ କରାଗଲେ ବିଦେଶୀ ପକ୍ଷୀ ମୃତ୍ୟୁ ଘଟଣା କମି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

ଅଖିଳ ଭାରତ କୃଷକ ମହାସଭା ପକ୍ଷରୁ ୧୨ ଦଫା ଦାବିପତ୍ର ପ୍ରଦାନ

ଭଦ୍ରକ, ୩୦/୧୨ (ନି.ପ୍ର): ରାଜ୍ୟ ସରକାର ଘୋଷଣା କରିଥିବା ଧାନ କ୍ୟୁଣ୍ଟାଲ ପିଛା ୨ହଜାର ୪୦ଟଙ୍କା ଚାଷୀଙ୍କୁ ୨୪ଘଣ୍ଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରିବା, ପ୍ରତ୍ୟେକ ଗ୍ରାମ ପଂଚାୟତ ମୁଖ୍ୟାଳୟରେ ସରକାରୀ ମଣ୍ଡି ଖୋଲିବା, ଧାନ କିଣା କମିଟିରେ ଚାଷୀ ଓ କୃଷକ ପ୍ରତିନିଧିଙ୍କୁ ସଭ୍ୟ ରଖିବା, ଭାଗଚାଷୀଙ୍କୁ ଚିହ୍ନଟ କରି ସମସ୍ତ ସହାୟତା ଯୋଗାଇବା, ପୂର୍ବବର୍ଷ ଚାଷୀଙ୍କ କ୍ଷତିକୁ ବିଚାର କରି କ୍ଷତିପୂରଣ ପ୍ରଦାନ, ଧାନ କିଣା ବିକାର ଦଲାଲି ବ୍ୟବସ୍ଥାକୁ ବନ୍ଦ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସରକାର ପ୍ରତ୍ୟେକ ଚାଷୀଙ୍କୁ କ୍ୟୁଣ୍ଟାଲ ପିଛା ୫ଶହ ଟଙ୍କାର ବୋନସ ପ୍ରଦାନ, ଖରାବର୍ଷାରେ ମଣ୍ଡିରେ ପଡ଼ି ରହୁଥିବା ମଣ୍ଡିର ସୁରକ୍ଷା ନିମନ୍ତେ ସରକାର ବ୍ୟବସ୍ଥା କରିବା, ଚାଷୀଙ୍କ କୃଷି ଋଣ ଛାଡ଼ କରିବା ସହିତ ଫସଲ ବୀମାର ସୁଯୋଗ ପ୍ରଦାନ, ଜିଲ୍ଲାର ସମସ୍ତ ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ଖୋଲିବା, ଚାଷ ନିମିତ୍ତ ସମସ୍ତ ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ଦାବିରେ ଅଖିଳ ଭାରତ କୃଷକ ମହାସଭା ତିହିଡ଼ି ବ୍ଲକ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । କମିଟିର ସଭାପତି ଅଭିମନ୍ୟୁ ରାଉତ, ସଂପାଦକ ନରେନ୍ଦ୍ର ବିଶ୍ୱାଳ, ସିପିଆଇ ଏମଏଲ ଜିଲ୍ଲା ସମ୍ପାଦକ ସମର ବଳ, ଅଖିଳ ଭାରତ ପ୍ରଗତୀଶୀଳ ମହିଳା ସମିତିର ରାଜ୍ୟ ସହ ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, କୋଷାଧକ୍ଷ ମଧୁସୂଦନ ରାଉତ୍, ଯୁଗ୍ମ ସମ୍ପାଦକ ମନ୍ମଥ ବାରିକଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ରର ନକଲ ଜିଲ୍ଲା ଯେଗାଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ଶ୍ରୀ ରାଉତଙ୍କ ଅଭିଯୋଗ ଅନୁଯାୟୀ ଚାଷୀ ଆଜି ସଂକଟରେ । ସେମାନେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖିନ ହେଉଛନ୍ତି । ବର୍ଷ ତମାମ ବିପୁଳ ପରିମାଣର ଅର୍ଥ ଚାଷ କାର୍ଯ୍ୟରେ ବିନିଯୋଗ କରି ମଧ୍ୟ ଉପଯୁକ୍ତ ଫଳ ପାଉ ନାହାନ୍ତି । ଫଳରେ ପରିବାର ପ୍ରତିପୋଷଣ ସେମାନଙ୍କ ପକ୍ଷେ ଅସମ୍ଭବ ହୋଇ ପଡୁଛି । ଅଭାବୀ ବିକ୍ରି ଚାଷୀଙ୍କ ଚୀର ସହଚର ପାଲଟିଛି । ଏପରିକି ଚାଷୀ ଆର୍ଥୀକ ତାଡ଼ନାରେ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଉ ନାହିଁ । ତେଣୁ ଉପରୋକ୍ତ ଦାବି ପୂରଣ ପାଇଁ ସେ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ସାହୁ, ପ୍ରଭାତ ନାୟକ, ସୁବାଷ ରାଉତ, ଶଙ୍କର୍ଷଣ ରାଉତ, ଅକ୍ଷୟ ନାୟକ, ସୁବାଷ ସ୍ୱାଇଁ, ଅନାଦି ରାଉତ, ବଳଭଦ୍ର ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

ସୁରଜିତା ନାୟକ ପାଇଲେ 'ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ସମ୍ମାନ'

ଭଦ୍ରକ, ୩୦/୧୨ (ନି.ପ୍ର): ଓଷ୍ଟାର ଆଦ୍ୟ ସଭାପତି ସ୍ୱର୍ଗତ ଦିବ୍ୟସିଂହ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଷ୍ଟା ସଂଗଠନ ପକ୍ଷରୁ ପ୍ରଦାନ କରାଯାଉଥିବା 'ଦିବ୍ୟସିଂହ ପଟ୍ଟନାୟକ ସ୍ମୃତି ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ ଶିକ୍ଷକ ନେତ୍ରୀ, ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦିକା ଅବସରପ୍ରାପ୍ତ ଶିକ୍ଷୟତ୍ରୀ, ଭଦ୍ରକ ଜିଲ୍ଲାର ନାରୀନେତ୍ରୀ ସୁରଜିତା ନାୟକଙ୍କୁ ପ୍ରଦାନ କରାଯାଇଛି । ଓଷ୍ଟାର ୩୯ତମ ରାଜ୍ୟ ଶିଶୁ ଉତ୍ସବ ଅବସରରେ କଟକ ଶହୀଦ୍ ଭବନରେ ଏହି ସମ୍ମାନ ଶ୍ରୀମତୀ ନାୟକଙ୍କୁ ପ୍ରଦାନ କରାଯାଇଛି । ଦୀର୍ଘ ୪ ଦିନ ଧରି ଅନୁଷ୍ଠିତ ଉତ୍ସବରେ ରାଜ୍ୟର ୩୧ଟି ଶିକ୍ଷାଜିଲ୍ଲାରୁ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବରେ ଯୋଗ ଦେଇଥିଲେ । ଓଷ୍ଟାର ସଭାପତି ବିନୋଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସର୍ବଭାରତୀୟ ଶିକ୍ଷକ ନେତା ସି.ଏନ. ଭାରତୀ, କଟକ ବିଧାୟକ ମହମ୍ମଦ ମୋକିମ୍, କଟକ ମେୟର ସୁବାସ ସିଂ, ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଶ୍ରୀମତୀ ନାୟକଙ୍କୁ ବହୁମୁଖୀ ପ୍ରତିଭା, ଶିକ୍ଷକ ସମାଜ ପାଇଁ ତାଙ୍କର ଅବଦାନ, ସାଂଗଠନିକ କାର୍ଯ୍ୟ ଦକ୍ଷତା, ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ବୈପ୍ଳବିକ କାର୍ଯ୍ୟଧାରାକୁ ମାନଦଣ୍ଡ ଭାବେ ଆଧାର କରି ଓଷ୍ଟାର ଜୁରୀମାନେ ଶ୍ରୀମତୀ ନାୟକଙ୍କୁ ଏହି ସମ୍ମାନ ପାଇଁ ଚୟନ କରିବା ପରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଶ୍ରୀମତୀ ନାୟକଙ୍କୁ ଏହି ସମ୍ମାନ ମିଳିବା ପରେ ଓଷ୍ଟାର ଜିଲ୍ଲାର ସଭାପତି ରମାକାନ୍ତ ପରିଡ଼ା, ସମ୍ପାଦକ ପ୍ରଦୀପ୍ତ ଦାସ, ରାଜ୍ୟ ନେତୃତ୍ୱ ଅକ୍ଷୟ କୁମାର ହୋତା, ପୂର୍ଣ୍ଣଚନ୍ଦ୍ର ଦାଶ, ସୁବଳ ପତ୍ରୀ,ପର୍ଶୁରାମ ପାତ୍ର, ମମତା ସାହୁ, ପିଙ୍କି ମିଶ୍ର, ବୈକୁଣ୍ଠ ବିଶ୍ୱାଳ, ଅନିଲ ମିଶ୍ର, ପ୍ରଭାତ ପାଣିଗ୍ରାହୀ, କମଳାକାନ୍ତ ନାୟକ, ଅରୁଣ ଶତପଥୀ, ବସନ୍ତ ବିଶ୍ୱାଳ, ଦେବବ୍ରତ ତ୍ରିପାଠୀ, ସନ୍ତୋଷ ଜେନା, ମନୋରଂଜନ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

ଶିମିଳିପାଳରେ ହେଉଥିବା ଅବ୍ୟବସ୍ଥାର ସିବିଆଇ ତଦନ୍ତ ଦାବି

ବାରିପଦା, ୩୦/୧୨ (ନି.ପ୍ର): ଶିମିଳିପାଳ ସୁରକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷ ଧରି ବିଭାଗୀୟ ଅଧିକାରୀଙ୍କ ଚରମ ଅବହେଳାର ପ୍ରତିବାଦ ଏବଂ ଶିକାର ଯୋଗୁଁ ପ୍ରତିବର୍ଷ କମୁଥିବା ବାଘ ସଂଖ୍ୟା ଓ ଦାନ୍ତ ପାଇଁ ହେଉଥିବା ହାତୀର ଅବାଧ ଶିକାର ସହିତ ଜଡିତ କର୍ମଚାରୀ, ପ୍ରତ୍ୟେକ ବର୍ଷ ଶିମିଳିପାଳ ସୁରକ୍ଷା ନାମରେ ଆସୁଥିବା କୋଟି କୋଟି ଟଙ୍କା ହରିଲୁଟ ହେଉଥିବା ଅର୍ଥର ଉପଯୁକ୍ତ ତଦନ୍ତ ପାଇଁ ତୁରନ୍ତ ସିବିଆଇ ତଦନ୍ତ କରାଯିବା ଦାବୀ ନେଇ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ବାରିପଦା ଓ ଯଶିପୁର ସ୍ଥିତ କ୍ଷେତ୍ର ନିର୍ଦ୍ଦେଶକ ଓ ଯଶିପୁର ସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଭଂଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଗାମୀ ସାତ ଦିନ ମଧ୍ୟରେ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଆନଗଲେ ଆଗାମୀ ଦିନରେ ମୟୁରଭଂଜର ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଗୁଡିକ ଉପରେ ହରତାଳ କରାଯିବ ବୋଲି ଭଂଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି । ବାରିପଦା ସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭଂଜସେନା ଶୃଙ୍ଖଳା କମିଟିର ଅଧକ୍ଷ ସତ୍ୟ ସ୍ୱରୂପ ଦାଶ, ଉପାଧକ୍ଷ ନିମାଇଁ ତ୍ରିପାଠୀ ଓ ଜିତେନ୍ଦ୍ର ହେମ୍ବ୍ରମ, ଜିଲ୍ଲା ସଭାପତି ଫିଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଲୁନ ହାଁସଦା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ.କେ. ରାଜାଖାନ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଂଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ସୌମ୍ୟରଂଜନ ମିଶ୍ର, ଜିଲ୍ଲା ଉପସଭାପତି ସନ୍ତୋଷ ଗିରି, ଜିଲ୍ଲା ସାଧାରଣ ସମ୍ପାଦକ ଧନଂଜୟ ସାହୁ, ଜିଲ୍ଲା ମୁଖପାତ୍ର ମାନସ ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ସେନାର କର୍ମକର୍ତା ମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେହିପରି ଯଶିପୁର ସ୍ଥିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଂଚପିଡ଼ି ଉପଖଣ୍ଡ ସଭାପତି ଦକ୍ଷିଣା ମହାନ୍ତଙ୍କ ସମେତ ମାଇକେଲ ମହାନ୍ତ, କମଳାକାନ୍ତ ପାତ୍ର, ରୁକ୍ମଣ ନାୟକ, କାବୁଲୁ ସାମାଡ, ଗୋପୀ ବେହେରା, ଏସ.କେ. ମୀରାଜ, ଗମ୍ଭା ବେହେରା ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

୩୧ ଜାନୁଆରୀ ଯାଏଁ ବଢିଲା ମାଣ୍ଡିଆ ସଂଗ୍ରହ ନିମନ୍ତେ ଚାଷୀ ପଂଜୀକରଣ ଅବଧି

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ରାଜ୍ୟରେ ମାଣ୍ଡିଆ ସଂଗ୍ରହ ନିମନ୍ତେ ଚାଷୀ ପଂଜୀକରଣର ସମୟ ସୀମାକୁ ଜାନୁଆରୀ ୩୧, ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ଏହି ଅବଧି ୩୧ ଡିସେମ୍ବର ୨୦୨୨ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା । ଅଧିକ ସଂଖ୍ୟକ ମାଣ୍ଡିଆ ଚାଷୀ ନୂତନ ଭାବେ ନିଜ ନାମ ପଂଜୀକରଣ ପାଇଁ ଆସୁଥିବା ଲକ୍ଷ୍ୟ କରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏମ୍-ପାସ୍ ଜରିଆରେ ଅନ୍‌ଲାଇନ୍ ଚାଷୀ ପଂଜୀକରଣ ସମୟ ସୀମାକୁ ବୃଦ୍ଧି କରାଯାଇଛି । ଏହା ଦ୍ୱାରା ଅଧିକ ସଂଖ୍ୟକ ନୂତନ ମାଣ୍ଡିଆ ଚାଷୀଙ୍କୁ ପଂଜୀକରଣର ସୁବିଧା ମିଳିବ । ପଂଜୀକୃତ ଚାଷୀମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟରେ ମଣ୍ଡିରେ ମାଣ୍ଡିଆ ବିକ୍ରି କରିପାରିବେ । ଆଜି ଏହି ମର୍ମରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ରାଜ୍ୟର ୧୯ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ୬୦ତମ ବୈଠକ

ଭୁବନେଶ୍ୱର, ୩୦/୧୨ (ନି.ପ୍ର): ରାଜୀବ ଭବନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ପୂର୍ବାହ୍ନରେ ପରିଷଦର ୬୦ତମ ବୈଠକ ଅଧକ୍ଷ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପରିଷଦ ଅଧିନରେ ଥିବା ୧୧ଟି ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ କିପରି ଭାବେ ସଂଚାଳନ କରାଯାଉଛି ଏବଂ ଆଗକୁ କିପରି ଏହି ଢାଂଚାକୁ ଅଧିକ କ୍ରିୟାଶୀଳ ଭାବେ ମଜବୁତ କରାଯାଇପାରିବ, ସେ ନେଇ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ । ଏଣିକି ଏହି ୧୧ ଜିଲ୍ଲାରେ ପ୍ରକଳ୍ପର ନକ୍‌ସା, ବ୍ୟୟ ଅଟକଳ, ପ୍ରକଳ୍ପର କାର୍ଯ୍ୟକାରିତା, ଉପକୃତ ହେବାକୁ ଥିବା ଲୋକସଂଖ୍ୟା, ପ୍ରକଳ୍ପର ଉଦ୍ଦେଶ୍ୟ ପ୍ରଭୃତି ସଂପର୍କରେ ବୈଷୟିକ ଜ୍ଞାନ ଥିବା କର୍ମଚାରୀ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତି ହୋଇଥିଲା । ଫଳରେ ପ୍ରକଳ୍ପ ମଞ୍ଜୁରୀଜନିତ ବିଳମ୍ବକୁ ଏଡ଼ାଇ ଦିଆଯାଇପାରିବ । ସେହିପରି ଏକ ନୂତନ ଆପ୍ ପ୍ରଚଳନ କରାଯାଇଥିବା ବୈଠକରେ ପ୍ରଦର୍ଶନ କରାଯାଇଥିଲା । ଏହି ଆପ୍ ?ରେ ନିର୍ମାଣାଧିନ ପ୍ରକଳ୍ପର ସାଂପ୍ରତିକ ସ୍ଥିତିକୁ ଅପଲୋଡ୍ କରାଯିବ । ଏଥିରେ ଜନସାଧାରଣଙ୍କ ନିମନ୍ତେ ଦେଖି ପାରିବାର ଓ ମତାମତ ଦେବାର ସୁଯୋଗ ରହିବ । ଏହା ଦ୍ୱାରା ପ୍ରକଳ୍ପର ସବିଶେଷ ତଥ୍ୟ ଉପଲବ୍ଧି ହେବ ଏବଂ ଏଥି ସହିତ ବିଭିନ୍ନ ପର୍ଯ୍ୟାୟରେ ପ୍ରକଳ୍ପ ପାଇଁ ପ୍ରଦାନ କରାଯାଉଥିବା ଅର୍ଥର ପରିମାଣ, ପ୍ରକଳ୍ପର ଆକଳନ ମୂଲ୍ୟ, କାର୍ଯ୍ୟର ସାଂପ୍ରତିକ ଫଟୋଚିତ୍ର ପରି ଅନେକ ତଥ୍ୟ ଏଠାରେ ଉପଲବ୍ଧ ହୋଇପାରିବ । ପଶ୍ଚିମାଂଚଳ ଜିଲ୍ଲାଗୁଡ଼ିକରେ ବିଭିନ୍ନ ଭିତିଭୂମି ବିକାଶ କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ସାଧାରଣତଃ ପରିଷଦ ଅର୍ଥ ଅନୁଦାନ ପ୍ରଦାନ କରିଥାଏ । ତେଣୁ ଏଣିକି ସେଭଳି ପ୍ରକଳ୍ପ ପାଇଁ ସୁପାରିଶ କଲାବେଳେ ଜନପ୍ରତିନିଧି ତଥା ସଦସ୍ୟମାନେ ତା'ର କାର୍ଯ୍ୟକାରିତା ରିପୋର୍ଟ ଜିଲ୍ଲାପାଳମାନଙ୍କ ଦ୍ୱାରା କରାଇ ଦେବାକୁ କୁହାଯାଇଥିଲା । ଅଧକ୍ଷ ଶ୍ରୀ ତ୍ରିପାଠୀ ସାଂସଦ ଓ ବିଧାୟକମାନଙ୍କଠାରୁ ଆର୍ଥିକ ସହଯୋଗ ପାଇଲେ ପରିଷଦର ଆର୍ଥିକ କ୍ଷମତାଠାରୁ ଢେର ଅଧିକ କାର୍ଯ୍ୟ କରିପାରିବ ବୋଲି କହିଥିଲେ । ଚାଷୀମାନଙ୍କୁ ସହଯୋଗ କରିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ପ୍ରତି ପରିଷଦ ଦୃଷ୍ଟି ଦେବାକୁ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ । ତା'ଛଡ଼ା ମହିଳା ସ୍ୱୟଂ ସହାୟକିକା ଗୋଷ୍ଠୀଗୁଡ଼ିକୁ ଜୀବିକା ମିଶନ କ୍ଷେତ୍ରରେ ଅଧିକ ଆର୍ଥିକ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ବରଗଡ଼ ଧାନଚାଷ ନିମନ୍ତେ ପ୍ରମୁଖ ସ୍ଥାନ ହୋଇଥିବା ହେତୁ ସେଠାରେ ବିହନ ସଂରକ୍ଷଣ ଓ ଗବେଷଣା ପାଇଁ ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଏବଂ ଅସଂପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ସଂପୂର୍ଣ୍ଣ କରିବାକୁ ବରଗଡ଼ ବିଧାୟକ ଅନୁରୋଧ କରିଥିଲେ । ଏଥି ସହିତ ପରିଷଦ ଜଳସେଚନ ଉପରେ ଅଧିକ ଜୋର ଦେବାକୁ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ ।

ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

ବାରିପଦା, ୩୦/୧୨ (ନି.ପ୍ର): ବାରିପଦା ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଅଙ୍ଗନବାଡି ତାଲିମ କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ -୨୦୨୨ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୟୁରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ ଜିଲ୍ଲାର ସମସ୍ତ ୨୬ ଗୋଟି ସମ୍ବନ୍ଧିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପରୁ ଆସିଥିବା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପରିଦର୍ଶିକା, ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକା ଓ ମା ମାନଙ୍କୁ ପୋଷଣ ମାସ ପାଳନର ମହତ୍ୱ ଓ ଶିଶୁର ବିକାଶରେ ପୋଷଣର ଭୂମିକା ଓ ଉପାଦେୟତା ସମ୍ବନ୍ଧରେ ଆଲୋଚନା କରିଥିଲେ । ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଙ୍ଘ ମିତ୍ରା ପଟ୍ଟନାୟକ ଅଙ୍ଗନବାଡି କେନ୍ଦ୍ରରେ ପୋଷଣ ବଗିଚା ସୃଷ୍ଟି ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମିଲେଟ ମିଶନର ଅଗ୍ରଗତି ପାଇଁ ଦୈନନ୍ଦିନ ଖାଦ୍ୟରେ ଏହାକୁ ଉପଯୋଗ କରିବା ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି ଉପରେ ଗୁରୁତ